ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା
Odisha State Open University, Sambalpur, Odisha
Established by an Act of Government of Odisha.

# ସ୍ନାତକ କଳା (ସମ୍ମାନ) କାର୍ଯ୍ୟକ୍ରମ
## ସାମ୍ବାଦିକତା ଓ ଗଣ ଯୋଗାଯୋଗ (BJMC)

ପାଠ୍ୟକ୍ରମ - ୩

ମୁଦ୍ରିତ ଗଣମାଧ୍ୟମ ପାଇଁ ଖବର ସଂଗ୍ରହ ଓ ସଂପାଦନା ଶୈଳୀ

ବ୍ଲକ୍

## ୨ ଖବର ଲିଖନ ଓ ଶୀର୍ଷାଂଶ (ନ୍ୟୁଜ୍ ଲିଡ୍)ର ପ୍ରକାର ଭେଦ

ପ୍ରଥମ ଏକକ : ଶୀର୍ଷାଂଶ (ନ୍ୟୁଜ୍ ଲିଡ୍ କିମ୍ବା ଇନ୍‌ଟ୍ରୋ) ଲିଖନ: ଲିଡ୍ - ଖବର ଶୀର୍ଷାଂଶ ବା ଲିଡ୍‌ର ଗୁରୁତ୍ୱ ଓ ପ୍ରକାରଭେଦ; ମୁଖ୍ୟ ଶିରୋନାମା – ମୁଖ୍ୟ ଶିରୋନାମା ଲିଖନର ଉଦ୍ଦେଶ୍ୟ ଓ ପ୍ରକାର ଭେଦ

ଦ୍ୱିତୀୟ ଏକକ : ଖବର ଲିଖନର ଢାଂଚା : ଓଲଟା ପିରାମିଡ୍ ଖବର ଲିଖନ ଶୈଳୀ ; ଖବରର ସୂତ୍ର ଓ ସତ୍ୟତା ଯାଂଚ୍

ତୃତୀୟ ଏକକ : ପ୍ରବନ୍ଧ (କୌଣସି ବିଷୟଗତ ଆଲେଖ୍ୟ) ଓ ଫିଚର୍ ବା ବିଶେଷ ପ୍ରବନ୍ଧ ଲିଖନ ; ଫିଚର୍‌ର ପ୍ରକାର ଭେଦ ; ଲିଡ୍ ଲେଖନ ଶୈଳୀ ; ପ୍ରବନ୍ଧ ଓ ବିଶେଷ ପ୍ରବନ୍ଧ ମଧ୍ୟରେ ପ୍ରଭେଦ

ଚତୁର୍ଥ ଏକକ : ସଂପାଦକୀୟ ପୃଷ୍ଠା: ସଂପାଦକୀୟ, ଆଦ୍ୟ ପ୍ରବନ୍ଧ , ମଧ୍ୟ ପ୍ରବନ୍ଧ, ସଂପାଦକଙ୍କୁ ପତ୍ର, ମତାମତ, ଓପ-ଏଡ୍ (ସଂପାଦକୀୟ ଅନୁରୂପ ପୃଷ୍ଠା ଯେଉଁଥିରେ ସଂପାଦନାମଣ୍ଡଳୀ ଅନୁମୋଦନ ବ୍ୟତୀରକେ ପ୍ରବନ୍ଧ ଓ ବିବିଧ ଲେଖା ପ୍ରକାଶ ପାଇଥାଏ) ପୃଷ୍ଠା

ସାମ୍ବାଦିକତା ଓ ଗଣ ଯୋଗାଯୋଗ (ବିଜେଏମ୍‌ସି)

ୟୁଜିସ ଦ୍ୱାରା ନିର୍ଦ୍ଧାରିତ ଚଏସ୍ ବେସ୍‌ଡ୍ କ୍ରେଡ଼ିଟ୍ ସିଷ୍ଟମ (ସିବିସିଏସ୍) ଅନୁସରଣରେ ବି.ଏ. (ସମ୍ମାନ) ସାମ୍ବାଦିକତା ଓ ଗଣଯୋଗାଯୋଗ (BJMC) ପାଠ୍ୟକ୍ରମ ପ୍ରସ୍ତୁତ କରାଯାଇଛି।

**ପାଠ୍ୟକ୍ରମ : ୩**

**ବ୍ଲକ୍ : ୨**

**ପ୍ରଥମ ସଂସ୍କରଣ : ୨୦୨୧**

**ଲେଖକ : ଡକ୍ଟର ଜ୍ୟୋତିପ୍ରକାଶ ମହାପାତ୍ର**
ସହକାରୀ ପ୍ରଧାପକ, ଆଇ.ଆଇ.ଏମ୍.ସି., ଢେଙ୍କାନାଳ ।

**ସାମନ୍ତ ବିଶ୍ୱଭୂଷଣ ଧିର**
ଶୈକ୍ଷିକ ପରାମର୍ଶଦାତା, ସାମ୍ବାଦିକତା ଓ ଗଣଯୋଗାଯୋଗ କାର୍ଯ୍ୟକ୍ରମ
ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ।

**ସଂଜୟ ସାହୁ**
କର୍ପୋରେଟ କମ୍ୟୁନିକେସନ୍, ଜିନ୍ଦଲ୍ ଷ୍ଟିଲ୍ ଆଣ୍ଡ୍ ପାୱାର ଲିମିଟେଡ୍।

**ସୌରଭ ଗୁପ୍ତା**
ସହକାରୀ ପ୍ରଧ୍ୟାପକ, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଓଡ଼ିଶା, କୋରାପୁଟ।

**ସମୀକ୍ଷକ : ଡକ୍ଟର ଆଶିଶ୍ କୁମାର ଦ୍ୱିବେଦୀ**
ବରିଷ୍ଠ ଶୈକ୍ଷିକ ପରାମର୍ଶଦାତା, ସାମ୍ବାଦିକତା ଓ ଗଣଯୋଗାଯୋଗ କାର୍ଯ୍ୟକ୍ରମ
ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ।

**ଓଡ଼ିଆ ଅନୁବାଦକ :** ଧୀରେନ୍ଦ୍ର କୁମାର ବେହେରା
ଲେଖକ, ସାମ୍ବାଦିକ, ଶିକ୍ଷାବିତ୍।

**ଓଡ଼ିଆ ସମୀକ୍ଷକ : ରାମଚଣ୍ଡୀ ପ୍ରସାଦ ରଣସିଂହ**
ବାର୍ତ୍ତା ସମ୍ପାଦକ, ଓଡ଼ିଆ ସ୍ୱଟ୍ ନ୍ୟୁଜ୍, ଭୁବନେଶ୍ୱର ।

**ଅଳଙ୍କରଣ : ଲିପିନା ସାହୁ,** ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ।

## ପ୍ରକାଶକ

**ଡକ୍ଟର ମାନସ ରଞ୍ଜନ ପୂଜାରୀ**

କୁଳସଚିବ

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ

© OSOU, 2021. **"ଖବର ଲିଖନ ଓ ଶୀର୍ଷାଂଶ (ନ୍ୟୁଜ୍ ଲିଡ୍)ର ପ୍ରକାର ଭେଦ"** is made available under a Creative Commons Attribution-ShareAlike 4.0http : creative commons.org/ licences/by-sa/4.0

# ପ୍ରଥମ ଏକକ :

# ଶୀର୍ଷାଂଶ (ନ୍ୟୁଜ୍ ଲିଡ୍ କିମ୍ବା ଇନ୍‌ଟ୍ରୋ) ଲିଖନ : ଲିଡ୍ - ଖବର ଶୀର୍ଷାଂଶ ବା ଲିଡ୍‌ର ଗୁରୁତ୍ୱ ଓ ପ୍ରକାରଭେଦ ; ମୁଖ୍ୟ ଶିରୋନାମା – ମୁଖ୍ୟ ଶିରୋନାମା ଲିଖନର ଉଦ୍ଦେଶ୍ୟ ଓ ପ୍ରକାର ଭେଦ

## ବିଷୟ ଗଠନ :

୧.୧ ପଠନର ଉଦ୍ଦେଶ୍ୟ
୧.୨ ଉପକ୍ରମ
୧.୩ ଖବର ଶୀର୍ଷାଂଶ ଲିଡ୍ ଓ ପ୍ରକାରଭେଦ
୧.୪ ଶିରୋନାମ ଲିଖନ
  ୧.୪.୧ ଶିରୋନାମା ଲିଖନର ପାରମ୍ପରିକ ନିୟମ
  ୧.୪.୨ ଖବରର ସୂତ୍ର ଓ ପରିଚୟର ବ୍ୟବହାର
୧.୫ ଖବରକାଗଜ ପାଇଁ ପ୍ରବନ୍ଧ/ଆଲେଖ୍ୟ(ନ୍ୟୁଜ୍ ଆର୍ଟିକଲ) ଲେଖିବା କୌଶଳ : ଲିଡ୍ କିମ୍ବା ଇନ୍‌ଟ୍ରୋ
୧.୬ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ
୧.୭ ସହାୟକ ଗ୍ରନ୍ଥସୂଚୀ

## ୧.୧ ପଠନର ଉଦ୍ଦେଶ୍ୟ

ଖବରର ଶୀର୍ଷାଂଶ ବା ଲିଡ୍ ବିଷୟରେ ବୁଝିବା, ଭିନ୍ନ ଭିନ୍ନ ଢଙ୍ଗରେ ଲିଡ୍ ଲେଖିବା ଏବଂ ଖବର ପ୍ରସ୍ତୁତି ପାଇଁ ଆବଶ୍ୟକ ଉପାଦାନ ସଂପର୍କରେ ଅବଗତ ହେବା ଏହି ଅଧ୍ୟାୟର ମୁଖ୍ୟ ଉଦ୍ଦେଶ୍ୟ। ଖବରର ପ୍ରକାର ଭେଦ, ଖବର ଅନୁସାରେ ଶିରୋନାମା ପ୍ରସ୍ତୁତି ତଥା ଏହାର ମୌଳିକ ନିୟମାବଳୀ ସଂପର୍କରେ ମଧ୍ୟ ଏହି ଭାଗରେ ଆଲୋଚନା କରାଯାଇଛି।

ଏହି ଅଧ୍ୟାୟ ସମାପ୍ତ ପରେ ବିଦ୍ୟାର୍ଥୀ ନିମ୍ନ ବିଷୟ ସଂପର୍କରେ ଅବଗତ ହୋଇପାରିବେ।

- ଖବରର ଲିଡ୍ କିଂବା ଇନ୍‌ଟ୍ରୋ
- ଶିରୋନାମା ଲେଖନ

## ୧.୨ ଉପକ୍ରମ

ଗୋଟିଏ ଖବରର ଉପସ୍ଥାପନା ସୁନ୍ଦର ହୋଇଥାଇପାରେ, ମାତ୍ର ଏହାର ଶିରୋନାମା ଆକର୍ଷଣୀୟ କିମ୍ବା ସୂଚନାଧର୍ମୀ ହୋଇ ନ ଥିଲେ ତାହା ପାଠକଙ୍କ ଦୃଷ୍ଟି ଆଢୁଆଳରେ ରହିଯାଏ କିମ୍ବା ମନରୁ ପାଶୋରି ହୋଇଯାଏ।

ଶୀର୍ଷକ ପ୍ରସ୍ତୁତି ପାଇଁ ଅଳ୍ପ କେତୋଟି ଶବ୍ଦ ଆବଶ୍ୟକ। ପୂରା ଖବରର ଏକ ଚିତ୍ରପଟ ଶୀର୍ଷକରେ ପ୍ରତିଫଳିତ ହେବା ଉଚିତ। ଉପଯୁକ୍ତ ଓ ସଂକ୍ଷିପ୍ତ ଶିରୋନାମା ପାଠକଙ୍କୁ ଆକର୍ଷଣୀୟ ଲାଗେ, ବୁଝିବା ସହଜ ହୁଏ ଏବଂ ଖବରକାଗଜ ପୃଷ୍ଠାର ସୌନ୍ଦର୍ଯ୍ୟ ବଢ଼ାଏ। ଜଣେ ପାଠକ ପୂରା ଖବର ପଢ଼ିବ କିମ୍ବା ଛାଡ଼ିଦେବ, ତାହା ସେ ଅନେକ ସମୟରେ ଶୀର୍ଷକରୁ ଭାବିନିଏ। ଯଥାର୍ଥ ଶୀର୍ଷକ ଜଣେ ପାଠକକୁ ଖବର ଭିତରକୁ ଆପେ ଟାଣିନିଏ। ଅସ୍ପଷ୍ଟ ଶୀର୍ଷକ ଦ୍ୱନ୍ଦ୍ୱ ସୃଷ୍ଟି କରେ, ଭ୍ରମରେ ପକାଏ; ଏପରିକି ଖବରକାଗଜର କର୍ମଚାରୀଙ୍କ ପାଇଁ ତାହା ଅଶ୍ୱସ୍ତିକର ପରିସ୍ଥିତି ସୃଷ୍ଟି କରିଥାଏ। ଶୀର୍ଷକରେ ମିଥ୍ୟା ଓ ମାନହାନିସୂଚକ ଉକ୍ତି ଲେଖାଯିବା ଅନୁଚିତ। ଶୀର୍ଷକ ଲିଖନର ଗୋପନୀୟତା, ସଠିକତା ଓ ନିୟମାବଳୀ ଅତିକ୍ରମ କରିବା ଅନୁଚିତ।

## ୧.୩ ଖବର ଶୀର୍ଷାଂଶ ଲିଡ୍ ଓ ପ୍ରକାରଭେଦ

ଲିଡ୍/ଇନ୍‌ଟ୍ରୋରୁ ଖବର ଲେଖା ଆରମ୍ଭ ହୁଏ। ଏହା ଗୋଟିଏ ଖବରର ପ୍ରଥମ ପ୍ରଥମ ଅନୁଚ୍ଛେଦ ଓ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଂଶ। ସୁନ୍ଦର ଭାବେ ଉପସ୍ଥାପିତ ଲିଡ୍ ଖବରଟିକୁ ସଂପୂର୍ଣ୍ଣ ପଢ଼ିବାର ଆଗ୍ରହ ବଢ଼ାଏ। ଏବେ ଛାପା ଗଣମାଧ୍ୟମର ଏକାଧିକ ଆକୃତିରେ (ନ୍ୟୁଜ୍‌ପେପର୍, ଟାବ୍ଲଏଡ୍, ମାଗାଜିନ୍ ଇତ୍ୟାଦି)ରେ ପ୍ରକାଶ ପାଉଥିବାରୁ ପ୍ରଥମ ଅନୁଚ୍ଛେଦ ପରେ ଆଉ ଆଗକୁ ପଢ଼ିବା ଲାଗି ପାଠକ/ପାଠିକାଙ୍କ ପାଖରେ ସମୟ ନ ଥାଏ। ଆକର୍ଷଣୀୟ ଲିଡ୍ ଲେଖାଯାଇଥିଲେ ସେ ଖବର ଭିତରକୁ ପ୍ରବେଶ କରେ। ଲିଡ୍ ହିଁ ଅତି ଗୁରୁତ୍ୱପୂର୍ଣ୍ଣ ଯାହା ସୂଚନାକୁ ସ୍ପଷ୍ଟ, ସଂକ୍ଷିପ୍ତ ଓ ଆଗ୍ରହପ୍ରଦ ଢଙ୍ଗରେ ଦର୍ଶାଇଥାଏ। ଏହା ସଂପୂର୍ଣ୍ଣ ଖବରର ସ୍ୱର ଓ ଦିଗ। ଖବରଟିଏ ପ୍ରଥମ ପୃଷ୍ଠାରେ ପ୍ରକାଶ ପାଇଁ ଯୋଗ୍ୟ କିମ୍ବା ଭିତର ପୃଷ୍ଠାରେ ସ୍ଥାନିତ ହେବ, ତାହା ଅଧିକାଂଶ ଖବରକାଗଜର ସଂପାଦକମାନେ ଲିଡ୍ ପଢ଼ି ନିର୍ଣ୍ଣୟ କରିଥାନ୍ତି। ଏଥିପାଇଁ କୁହାଯାଏ ଯେ ଶୀର୍ଷକ ଗୋଟିଏ ଖବରକୁ ଗଢ଼ି ପାରିଥାଏ କିମ୍ବା ନଷ୍ଟ ମଧ୍ୟ କରି ଦେଇଥାଏ।

ଲିଡ୍ ବା ଶୀର୍ଷାଂଶ ଲେଖିବା ସମୟରେ ଖବରର ଗୋଟିଏ ବା ଏକାଧିକ ଉପାଦାନ ସଂପର୍କରେ ଚିନ୍ତା କରିବା ପାଇଁ ପଡ଼ିଥାଏ। ସେଥି ମଧ୍ୟରୁ ଖବରର ଗୁରୁତ୍ୱ ଅନୁସାରେ ଉପାଦାନ ବାଛି ଲେଖାଯାଏ। ଖବର ମଧ୍ୟକୁ ପାଠକଙ୍କୁ ଆକର୍ଷିତ କରିବା ଏହାର ଉଦ୍ଦେଶ୍ୟ। ସୁନ୍ଦର ଲିଡ୍ କେବଳ ଖବରର କଥା କହେ ନାହିଁ, ଏହା ଖବରର ବିକ୍ରି ମଧ୍ୟ କରାଇଥାଏ ।

ସାଧାରଣ ନିୟମ ହେଲା ଶୀର୍ଷାଂଶ ବା ଲିଡ଼ ସଂପୂର୍ଣ୍ଣ ଖବର ବିଷୟରେ ଜଣାଉଥିବ। ଲିଡ୍ ସବୁବେଳେ ସଂକ୍ଷିପ୍ତ, ନିର୍ଦ୍ଦିଷ୍ଟ ଓ ପ୍ରାସଙ୍ଗିକ ହେବା ଉଚିତ। ଖବରର ପୃଷ୍ଠଭୂମି ସୂଚନା ଓ ବିଭିନ୍ନ ବର୍ଣ୍ଣନା ଏହା ତଳକୁ ରହିବା ଆବଶ୍ୟକ । ଗମ୍ଭୀର ଖବର ଲେଖିବାବେଳେ କିଏ, କଣ, କେତେବେଳେ ଓ କେଉଁଠାରେର ଉତ୍ତର ଲିଡ଼ରୁ ହିଁ ମିଳିଯାଏ। ହାଲୁକା ଖବର କ୍ଷେତ୍ରରେ ପାଠକର ଦୃଷ୍ଟି ଆକର୍ଷଣ କରିବା ଲିଡ଼ର ମୁଖ୍ୟ ଉଦ୍ଦେଶ୍ୟ। ଲିଡ୍ ସାଧାରଣତଃ ଗୋଟିଏ ଅନୁଚ୍ଛେଦରେ ସୀମିତ ରହେ। ସଂକ୍ଷିପ୍ତ ଲିଡ୍ ଅଧିକ ପ୍ରଭାବଶାଳୀ ଓ ପଢ଼ିବା ସହଜ।

ଆକର୍ଷଣୀୟ ଲିଡ୍‌ର ମୁଖ୍ୟ ଉପାଦାନ :

- ଖବରଯୋଗ୍ୟ କାର୍ଯ୍ୟକ୍ରମ ବା ଫଳାଫଳ

- ବହୁଳ ପାଠକଙ୍କୁ ଛୁଇଁ ପାରୁଥିବ
- ମାନବୀୟ ସମ୍ବେଦନଶୀଳତା
- ଗୁରୁତ୍ୱପୂର୍ଣ୍ଣ ସୂଚନା

ଖବର ସଂଗ୍ରହ ସମୟରେ ଭିନ୍ନ ଭିନ୍ନ ଢଙ୍ଗରେ ଲିଡ୍/ଇନ୍ଟ୍ରୋ ଲେଖାଯାଏ। ସେଗୁଡ଼ିକ ମଧ୍ୟରୁ କେତେକ ପ୍ରକାର ଲିଡ୍ ନିମ୍ନରେ ଉଲ୍ଲେଖ କରାଗଲା।

♦ ସାରାଂଶ ଲିଡ୍ : ସାରାଂଶ ଲିଡ୍ର ଅର୍ଥ ଗୋଟିଏ ସଂପୂର୍ଣ୍ଣ ଖବରର ସାରାଂଶ। ଏହା ମଧ୍ୟ ପ୍ରତ୍ୟକ୍ଷ ଲିଡ୍ ଭାବେ ଜଣା। ଖବରକାଗଜରେ ସାଧାରଣ ଭାବେ ଏଭଳି ଲିଡ୍ର ବ୍ୟବହାର ଅଧିକ। ଏହା ପ୍ରାସଙ୍ଗିକ ଓ ତଥ୍ୟପୂର୍ଣ୍ଣ। ଖବରର ଅତି ଗୁରୁତ୍ୱପୂର୍ଣ୍ଣ ସୂଚନାଗୁଡ଼ିକୁ ଏହା ଅଳ୍ପ ଶବ୍ଦରେ ତତ୍କାଳ କହିଥାଏ। ଏହା ଖବରର ସାର କଥା ହୋଇଥିଲେ ହେଁ ଏଥିରେ ସମସ୍ତ ୫ଡବ୍ଲୁ ୧ଏଚ୍ ନିୟମର ବ୍ୟବହାର ବାଧ୍ୟତାମୂଳକ ନୁହେଁ। ଗମ୍ଭୀର ଖବର ବା ଚଳନ୍ତି ଖବର ପ୍ରସ୍ତୁତି ସମୟରେ ଏଭଳି ଲିଡ୍ର ବ୍ୟବହାର କରାଯାଏ।

√ ଉଦାହରଣ : ଶ୍ରୀନଗର, ଜୁଲାଇ ୯ : ହିଜ୍ବୁଲ୍ ମୁଜାହିଦ୍ଦିନ୍ ସଂଗଠନର କୁଖ୍ୟାତ ଆତଙ୍କବାଦୀ ବୁରହାନ୍ ୱାନୀଙ୍କୁ ହତ୍ୟା ପ୍ରତିବାଦରେ କାଶ୍ମୀରରେ ସୁରକ୍ଷାବାହିନୀ ଓ ଜନସାଧାରଣ ମଧ୍ୟରେ ଆଜି ତୀବ୍ର ସଂଘର୍ଷ ଘଟିଛି। ଉତ୍କ୍ଷିପ୍ତ ଜନତା କିଛି ମୋଟରଗାଡ଼ି ଓ ତିନିଟି ଥାନା ସମେତ ପାଂଚଟି କୋଠାଘରେ ନିଆଁ ଲଗାଇ ପୋଡ଼ି ଦେଇଛନ୍ତି। ଏହି ଘଟଣାରେ ତିନି ଜଣ ନିହତ ହୋଇଛନ୍ତି ଏବଂ ପାଖାପାଖି ପଚାଶ ଜଣ ଆହତ ହୋଇଥିବା ଜଣାପଡ଼ିଛି।

♦ ବହୁ ଉପାଦାନ ଲିଡ୍ : ସମାନ ଭାବେ ଗୁରୁତ୍ୱ ବହନ କରୁଥିବା ଦୁଇଟି କିମ୍ବା ତା'ଠାରୁ ଅଧିକ ଘଟଣାକୁ ନେଇ ଖବର ପ୍ରସ୍ତୁତିବେଳେ ଏକାଧିକ ଉପାଦାନ ଲିଡ୍ ଶୈଳୀ ବ୍ୟବହାର କରାଯାଏ। ଏହି ପ୍ରକାର ଲିଡ୍ ସହଜରେ ଏକାଧିକ କଥା ପାଠକଙ୍କୁ କହେ। କୌଣସି ବଡ଼ ଘଟଣାର ସବିଶେଷ ବର୍ଣ୍ଣନା ପାଇଁ ଏଭଳି ଲିଡ୍ ଅନୁସରଣୀୟ। ତେବେ ଏଭଳି ଲିଡ୍ର ସମସ୍ୟା ହେଲା ଏଥିରେ ବହୁଳତା ଓ ଅସମନ୍ୱୟତା ପରିଲକ୍ଷିତ ହୋଇଥାଏ।

√ ଉଦାହରଣ : ନୂଆଦିଲ୍ଲୀ, ଜୁନ୍ ୧୫: ବିମାନ ଚଳାଚଳ କ୍ଷେତ୍ରରେ ସଂସ୍କାର ଆଣିବାକୁ ଯାଇ ସରକାର ନୂତନ ବେସାମରିକ ବିମାନ ଚଳାଚଳ ନୀତିର ଶୁଭାରମ୍ଭ ବୁଧବାର କରିଛନ୍ତି। ବିମାନ ସେବା କ୍ଷେତ୍ରରେ ନୂଆ ନିୟମ ଲାଗୁ ସହିତ ପୂର୍ବରୁ ଥିବା ୫/୨୦ ମାନଦଣ୍ଡକୁ ଉଠାଇ ଦିଆଯାଇଛି। ନୂଆ ନୀତି ଅନୁଯାୟୀ, ଘଂଟାକର ବିମାନ ଯାତ୍ରା ଭଡ଼ା ୨୫୦୦ ଟଙ୍କା ମଧ୍ୟରେ ସୀମିତ ରହିବ ଏବଂ ଆଂଚଳିକ ବିମାନ ସଂଯୋଗ ଯୋଜନାକୁ ପାଣ୍ଠି ଯୋଗାଇବା ଉଦ୍ଦେଶ୍ୟରେ ସମସ୍ତ ବିମାନ ଟିକେଟ୍ ଉପରେ ଅଳ୍ପ ଶୁଳ୍କ ଲାଗୁ ହେବ।

♦ ବର୍ଣ୍ଣନାତ୍ମକ୍ ଲିଡ୍ : ଘଟଣାଟିଏ କେମିତି ଘଟିଲା ଓ ଘଟଣା ସହ ଜଡ଼ିତ ସ୍ଥାନ ଏବଂ କିଛି ତଥ୍ୟ ସଂପର୍କରେ ଏଳଭି ଲିଡ୍ ବର୍ଣ୍ଣନା କରିଥାଏ। ଜଣେ ସାମ୍ବାଦିକ ଅଳ୍ପ କିଛି ଶବ୍ଦରେ ଘଟଣାର ସଂପୂର୍ଣ୍ଣ ଦୃଶ୍ୟପଟ ପାଠକ ମନରେ ଆଙ୍କିଥାଏ। ସାଧାରଣତଃ ଫିଚର ଲେଖିବାବେଳେ ଏଭଳି ଲିଡ୍ ବ୍ୟବହାର କରାଯାଏ।

√ ଉଦାହରଣ : ଭୁବନେଶ୍ୱର, ଏପ୍ରିଲ୍ ୧୬: ରାଜଧାନୀ ଭୁବନେଶ୍ୱର ଠାରୁ ପଚାଶ କିଲୋମିଟର୍ ଦୂର ଢେଙ୍କାନାଳ ଜିଲ୍ଲାରେ ଏକ ଗାଁ ରହିଛି, ଯେଉଁଠି ୨୦/୩୦ଟି ଆଦିବାସୀ ପରିବାର ବାସ କରନ୍ତି। ଗାଁକୁ ଯାନବାହାନରେ ଯାତାୟାତ ଲାଗି ରାସ୍ତା ଖଣ୍ଡେ ନାହିଁ। ଏହି ଅଖ୍ୟାତ ଗାଁ ଏବେ ସବୁଠି ବିଖ୍ୟାତ, କାରଣ ବାହ୍ୟ ମଳତ୍ୟାଗ ମୁକ୍ତ ଗାଁ ହେବାରେ ଏହା ସାରା ଜିଲ୍ଲାରେ ପ୍ରଥମ ଗାଁ।

♦ ଉପାଖ୍ୟାନମୂଳକ ଲିଡ୍ : କୌଣସି ଘଟଣା ବା ବ୍ୟକ୍ତି ବିଷୟରେ କ୍ଷୁଦ୍ର ଉପାଖ୍ୟାନ/ବିବରଣୀରୁ ଖବର ଲେଖିବାକୁ ଚାହୁଁଥିଲେ ଏଭଳି ଲିଡ୍‌ର ବ୍ୟବହାର ଏକ ଉତ୍ତମ ଉପାୟ। ପାଠକ ମନରେ ଆଗ୍ରହ ବଢ଼ାଇବା ଏବଂ ଖବର ଭିତରେ ତାଙ୍କୁ ହଜାଇବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଉପାଖ୍ୟାନଟି ମଜାଦାର ହେବା ଜରୁରୀ ଏବଂ ଖବର ସହିତ ତାହାର ସାମଞ୍ଜସ୍ୟ ଥିବା ଆବଶ୍ୟକ। ଗମ୍ଭୀର ଖବର ଲେଖିବାବେଳେ ଏଭଳି ଲିଡ୍‌ର ବ୍ୟବହାର କ୍ୱଚିତ୍ ଦେଖିବାକୁ ମିଳେ, କିନ୍ତୁ ହାଲୁକା ଖବର ବିଶେଷ ପ୍ରବନ୍ଧ ଲେଖିବା ସମୟରେ ବେଳେବେଳେ ସାମ୍ବାଦିକଙ୍କୁ ଏହି ଲିଡ୍ ସାହାଯ୍ୟ କରିଥାଏ। ଏହି ଧାରାରେ ଖବର ଉପସ୍ଥାପନ କରୁଥିଲେ, ଲିଡ୍ ଲେଖିବାର ପରବର୍ତ୍ତୀ ଅଳ୍ପ କିଛି ଧାଡ଼ି ମଧ୍ୟରେ ଉପାଖ୍ୟାନର ମୁଖ୍ୟାଂଶ ବର୍ଣ୍ଣନା ହେବା ଦରକାର।

√ ଉଦାହରଣ : ବଲାଙ୍ଗୀର ଜିଲ୍ଲାର ଅଶୋକ ପ୍ରଥମେ ଓଡ଼ିଶା ଓ ପରେ ଭାରତରେ ଚାକିରିଟିଏ ପାଇବାରେ ବିଫଳ ହେବାରୁ ବିଦେଶରେ ନିଜ ଭାଗ୍ୟ ପରୀକ୍ଷା ଲାଗି ନିଷ୍ପତି ନେଲେ। ଏହି ସମୟ ମଧ୍ୟରେ କୁମାର ନାମକ ଜଣେ ବ୍ୟକ୍ତିଙ୍କ ସହିତ ତାଙ୍କର ଭେଟ ହେଲା ଯିଏ ଅଶୋକଙ୍କୁ କଥାଦେଲେ ଯେ ସେ ଦୁବାଇରେ ତାଙ୍କ ପାଇଁ ଗୋଟିଏ ଚାକିରି ଯୋଗାଡ଼ରେ ସାହାଯ୍ୟ କରିବେ। କୁମାରଙ୍କ କଥାରେ ଭରଷା କରି ଅଶୋକ ତାଙ୍କୁ ଭିସା ଓ ପାସ୍‌ପୋର୍ଟ ତିଆରି ବାବଦକୁ ୧୦,୦୦୦ ଟଙ୍କା ଦେଲେ। ଏବେ କୁମାର ନିଖୋଜ ହୋଇଯାଇଛନ୍ତି। ବିଗତ ଛଅ ମାସ ଧରି ଅଶୋକ ତାଙ୍କ ଖବର ପାଉନାହାନ୍ତି।

♦ ଉଦ୍ଧୃତି ଲିଡ୍ : ସୂତ୍ରର ନାଟକୀୟ ବା ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟକୁ ନେଇ ଉଦ୍ଧୃତି ଲିଡ୍ ପ୍ରସ୍ତୁତି କରାଯାଇଥାଏ। ଏହା ପାଠକଙ୍କୁ ଆକର୍ଷିତ କରିଥାଏ। ଏହି ଲିଡ୍ ସ୍ୱଉପସ୍ଥାପିତ, ସଂକ୍ଷିପ୍ତ ହୋଇଥାଏ ଯାହା ସମଗ୍ର ବିଷୟର ସାରାଂଶକୁ ଲିଡ୍‌ରେ ସ୍ଥାନିତ କରିଥାଏ। ଏଭଳି ଲିଡ୍‌ର ବ୍ୟବହାର ବାରମ୍ବାର ହୁଏ ନାହିଁ; କିନ୍ତୁ ଖବରରେ ଏଭଳି ଉଦ୍ଧୃତି ଖବରକୁ ପ୍ରଭାବଶାଳୀ କରିଥାଏ। ଫିଚର୍ ଲେଖିବା ସମୟରେ ମଧ୍ୟ ବକ୍ତାଙ୍କ ଅବିକଳ କଥାକୁ ପ୍ରମାଣସ୍ୱରୂପ ଏଭଳି ଲିଡ୍‌ରେ ଉଲ୍ଲେଖ କରିବା ଯଥାର୍ଥ। ତେବେ, ଖୁବ୍ ପ୍ରସିଦ୍ଧ ଉଦ୍ଧୃତିଗୁଡ଼ିକୁ ଏଭଳି ଲିଡ୍‌ରେ ବ୍ୟବହାର କରିବା ଅନୁଚିତ।

√ ଉଦାହରଣ : ଭୁବନେଶ୍ୱର, ମେ ୨୨: "ନୂଆ ମନ୍ତ୍ରିମଣ୍ଡଳର ପ୍ରଥମ ବୈଠକରେ ବିଜେଡିର ନିର୍ବାଚନୀ ଇସ୍ତାହାରକୁ ନୀତିଗତ ଅନୁମୋଦନ ମିଳିଛି ଏବଂ ସରକାରୀ ଇସ୍ତାହାରରେ ଥିବା ସମସ୍ତ ପ୍ରତିଶ୍ରୁତି ସରକାରୀ ପ୍ରକ୍ରିୟାରେ ପର୍ଯ୍ୟାୟକ୍ରମେ ପୂରଣ ଦିଗରେ ସବୁ ପ୍ରକାର ଉଦ୍ୟମ କରାଯିବ" ବୋଲି ଆଜି ରାଜ୍ୟ ସଚିବାଳୟରେ ଅନୁଷ୍ଠିତ ନୂଆ ମନ୍ତ୍ରିମଣ୍ଡଳର ପ୍ରଥମ ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି।

♦ ତତ୍କାଳ ନିରୂପଣ ଲିଡ୍ : ଖବର ଲେଖନ ଶୈଳୀରେ ବ୍ୟବହୃତ ୫ ଡବ୍ଲ୍ୟୁ ମଧ୍ୟରୁ ଫକିଏ' କୁ ଏହି ପ୍ରକାର ଲିଡ୍‌ରେ ଗୁରୁତ୍ୱ ଦେବାକୁ ପଡ଼େ। ସୁପ୍ରସିଦ୍ଧ, ଖ୍ୟାତିସଂପନ୍ନ କିମ୍ବା କୌଣସି ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ବିଷୟରେ

ଖବର ପ୍ରସ୍ତୁତି ବେଳେ ଏହି ଲିଡ୍ ବ୍ୟବହାର ହୁଏ। ଫକିଏ' (ବ୍ୟକ୍ତି) ସିଧାସଳଖ ନାମ ଦ୍ୱାରା ଚିହ୍ନଟ ହୋଇଥାନ୍ତି। ତେବେ, କମ୍ ଜଣାଶୁଣା ବ୍ୟକ୍ତିଙ୍କ କ୍ଷେତ୍ରରେ ମଧ୍ୟ ଏଭଳି ଲିଡ୍ ବ୍ୟବହାର ହୋଇପାରିବ, ଯେତେବେଳେ ସଂପୃକ୍ତ ବ୍ୟକ୍ତିଙ୍କୁ ନେଇ କୌଣସି ଘଟଣା ଘଟିଥାଏ। ଉଭୟ ଗମ୍ଭୀର ଓ ହାଲୁକା ଖବରରେ ଏଭଳି ଲିଡ୍ ବ୍ୟବହାର କରିହେବ।

√ ଉଦାହରଣ : ନୂଆଦିଲ୍ଲୀ, ମେ ୨୨: ଓଡ଼ିଶାର କିଛି ଅଂଚଳରେ ମରୁଡ଼ି ଓ ଜଳାଭାବ ପରିସ୍ଥିତିକୁ ନେଇ ଶନିବାର ଆୟୋଜିତ ଏକ ଉଚ୍ଚସ୍ତରୀୟ ଆଲୋଚନା-ବୈଠକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଧ୍ୟକ୍ଷତା କରିଥିଲେ।

♦ ବିଳମ୍ବିତ ନିରୂପଣ : ପାଠକଙ୍କୁ ଜଣେ ବ୍ୟକ୍ତିଙ୍କ ନାଁ (କିଏ) ସହିତ ସାମାନ୍ୟ ବିଳମ୍ବରେ ପରିଚିତ କରାଇବା ଏଭଳି ଲିଡ୍‌ର ଉଦ୍ଦେଶ୍ୟ। ପାଠକମାନେ ବ୍ୟକ୍ତିଙ୍କ ନାଁ ଅନୁସାରେ ନୁହେଁ, ପରୋକ୍ଷ ଢଙ୍ଗରେ ତାଙ୍କୁ ଚିହ୍ନନ୍ତି; ଯେମିତିକି ତାଙ୍କ ପଦବୀ, ବୟସ, ବାସସ୍ଥାନ କିଂବା ଅତୀତର ଅପକୀର୍ତ୍ତୀ ସମ୍ପର୍କରେ ଲିଡ୍‌ରେ ବର୍ଣ୍ଣନା କରାଯାଇପାରେ। କାରଣ ବ୍ୟକ୍ତିଙ୍କ ନାଁର ସେଭଳି ପରିଚୟ ନ ଥାଏ କିମ୍ବା ପାଠକ/ପାଠିକା ସେଭଳି ନାଁ ଜାଣିବା ଲାଗି ଗୁରୁତ୍ୱ ଦିଅନ୍ତି ନାହିଁ। ଏଭଳି ଲିଡ୍‌ରେ ବ୍ୟକ୍ତିଙ୍କର ନାଁ ନୁହେଁ, ବରଂ ସେ ସଂପୃକ୍ତ ଥିବା କାହାଣୀକୁ ଅଧିକ ଗୁରୁତ୍ୱ ଦିଆଯାଏ। ଏପ୍ରକାର ଲିଡ଼ରେ ବ୍ୟକ୍ତିଙ୍କୁ ଚିହ୍ନଟ କରିବା ପାଇଁ ସର୍ବନାମ ବର୍ଣ୍ଣନା ଲିଡ଼ରେ ସ୍ଥାନିତ କରାଯାଇଥାଏ। ପରବର୍ତ୍ତୀ ଅନୁଚ୍ଛେଦରେ ବ୍ୟକ୍ତିଙ୍କ ନାମ ସ୍ଥାନିତ କରାଯାଇପାରେ । ବିଶେଷ ପ୍ରବନ୍ଧ ଓ ହାଲୁକା ଖବରରେ ଏପ୍ରକାର ଲିଡ଼ ବ୍ୟବହାର କରାଯାଇଥାଏ ।

√ ଉଦାହରଣ : କଟକ, ମେ ୧୯: ସିନେମାରେ ଅଭିନୟ ସୁଯୋଗ ଦେବାକୁ ପ୍ରତିଶ୍ରୁତି ପାଇବା ପରେ ଶାରୀରିକ ନିର୍ଯାତନା ଓ ଅସଦାଚରଣର ଶିକାର ହୋଇଥିବା ଜଣେ କୋଡ଼ିଏ ବର୍ଷ ବୟସ୍କା କଲେଜ୍ ଯୁବତୀ ଜଣେ ଓଲିଉଡ୍ ନିର୍ଦ୍ଦେଶକଙ୍କ ବିରୁଦ୍ଧରେ ସ୍ଥାନୀୟ ଥାନାରେ ଏତଲା ଦେଇଛନ୍ତି।

♦ ଚକିତ ଲିଡ୍ : ବିଶେଷ ଖବର ଲେଖାରେ ଚକିତ୍ ଲିଡ଼ ବା ପଂଚ୍ ଲିଡ୍‌ର ବ୍ୟବହାର ଦେଖିବାକୁ ମିଳେ। ଏଭଳି ଲିଡ୍‌ରେ ଅତି ବିସ୍ଫୋରକ କିଂବା ଶାଣିତ ଉକ୍ତି ଓ ମନ୍ତବ୍ୟକୁ ଉଲ୍ଲେଖ କରାଯାଏ ଏବଂ ଏହା ଦ୍ୱାରା ପାଠକଙ୍କ ମନରେ ତତ୍‌କ୍ଷଣାତ୍ ଏକ ପ୍ରଭାବ ପଡ଼େ। ତାହା ପରେ କହାଣୀର ଶେଷ ପର୍ଯ୍ୟନ୍ତ ପ୍ରତି ଧାଡ଼ିକୁ ବିଶ୍ଳେଷଣାତ୍ମକ ଢଙ୍ଗରେ ଉପସ୍ଥାପନ କରାଯାଏ। ବେଳେବେଳେ ନ୍ୟୁଜ୍ କିମ୍ବା ଫଚର୍ ଲେଖିବାବେଳେ ଏଭଳି ଲିଡ୍‌ର ସହାୟତା ନେବାକୁ ପଡ଼ିଥାଏ ଏବଂ କାହାଣୀର ଶରୀର ବା ମଝି ଭାଗରେ ସୂଚନାଗୁଡ଼ିକର ଗମ୍ଭୀର ଆଲୋଚନା ହୁଏ।

√ ଉଦାହରଣ :

♦ "ପୁଣି ବାତ୍ୟା" କିଂବା

♦ "ସାରା ଦେଶ ସ୍ତବ୍ଧ"

♦ ତୁଳନାତ୍ମକ ଲିଡ୍ :

- ପରସ୍ପର ବିପରୀତମୁଖୀ ଦୁଇଟି ଘଟଣାକୁ ଲିଡ୍‌ରେ ଦର୍ଶାଇବା ଏବଂ ସେଗୁଡ଼ିକ ମଧ୍ୟରେ ତୁଳନାତ୍ମକ ବୈଷମ୍ୟ ଉଲ୍ଲେଖ କରିବା ଏଭଳି ଲିଡ୍‌ର ମୁଖ୍ୟ ଉଦ୍ଦେଶ୍ୟ। ଘଟଣା ଦୁଇଟି ମଧ୍ୟରେ ବିଭେଦ/ତାରତମ୍ୟ ଯେତେ ଅଧିକ ହୁଏ, ଲିଡ୍ ସେତେ ମାତ୍ରାରେ ପ୍ରଭାବଶାଳୀ ହୋଇଥାଏ। କୌଣସି ବ୍ୟକ୍ତିଙ୍କ ବିବୃତିକୁ ଅଧିକ ଶକ୍ତିଶାଳୀ କରିବା ଉଦ୍ଦେଶ୍ୟରେ ଏଭଳି ଲିଡ୍‌ରେ ଦୁଇଟି ଭିନ୍ନ ଭିନ୍ନ କଥା ଲେଖିବାକୁ ପଡ଼େ। କୌଣସି ନିର୍ଦ୍ଦିଷ୍ଟ କାର୍ଯ୍ୟ, ବ୍ୟକ୍ତି, ସ୍ଥାନ କିମ୍ବା ଘଟଣା ସଂପର୍କରେ ସ୍ୱୀକାର କରିବା ଲାଗି ଏଭଳି ଲିଡ୍ ବ୍ୟବହୃତ ହୋଇଥାଏ। ଉଭୟ ଗମ୍ଭୀର ଓ ହାଲକା ଖବର ପ୍ରସ୍ତୁତିରେ କଂଟ୍ରାଷ୍ଟ ବା ଚକିତ ଲିଡ୍ ଲେଖାଯାଇପାରେ।

√ ଉଦାହରଣ : ଭୁବନେଶ୍ୱର, ମେ ୨୨: ଦୁଇ ବର୍ଷ ପୂର୍ବରୁ ଲିଙ୍ଗଗତ ବିବାଦ କାରଣରୁ ଧାବିକା ଦୂତୀ ଚାନ୍ଦଙ୍କୁ ଅନ୍ତର୍ଜାତୀୟ କ୍ରୀଡ଼ାରୁ ବାସନ୍ଦ କରାଯାଇଥିଲା ଏବଂ ସେ କମନ୍‌ୱେଲ୍‌ଥ ଗେମ୍‌ସରେ ଭାଗ ନେବାରୁ ବଂଚିତ ହୋଇଥିଲେ। କଠିନ ପରିଶ୍ରମ ଓ ଅଦାଲତରେ ଲଢ଼େଇ ପରେ ଏବେ ସେ ୨୦୧୬ ଅଲିମ୍ପିକ୍‌ରେ ୧୦୦ ମିଟର୍ ଦୌଡ଼ ପ୍ରତିଯୋଗିତାରେ ଭାରତ ପାଇଁ ପ୍ରତିନିଧିତ୍ୱ କରିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହା ନଶ୍ଚିତଭାବେ ଉଲ୍ଲେଖନୀୟ।

- ଉପଯୁକ୍ତ ଲିଡ୍ ଚୟନ କରି କାହାଣୀ ଲେଖିବା ଜଣେ ସାମ୍ବାଦିକ ପାଇଁ ଗୁରୁତ୍ୱପୂର୍ଣ୍ଣ, କାରଣ ଏହା କାହାଣୀର ଅବଶିଷ୍ଟ ଅଂଶକୁ ଆକର୍ଷଣୀୟ କରିଥାଏ ଓ ଭାବକୁ ମଧୁର କରେ। ସୁତରାଂ, ଆପଣ କେଉଁ ପ୍ରକାରର ଖବର ପ୍ରସ୍ତୁତ କରୁଛନ୍ତି ଓ ସେଥିପାଇଁ ଉପଲବ୍ଧ ସୂଚନା ଆଧାରରେ ଲିଡ୍ ଚୟନ କରାଯିବା ଉଚିତ।

## ୧.୪ ଶିରୋନାମ ଲିଖନ

କାହାଣୀ ପାଇଁ ଯଥାର୍ଥ ଶୀର୍ଷକ କିମ୍ବା ଶିରୋନାମାର ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ, କାରଣ ଜଣେ ପାଠକ ଖବରଟିଏ ପଢ଼ିବ କିମ୍ବା ଛାଡ଼ିଦେବ, ତାହା ସେ ଅଧିକାଂଶ ସମୟରେ ଶୀର୍ଷକରୁ ହିଁ ସ୍ଥିର କରେ। ଉପଯୁକ୍ତ ଶୀର୍ଷକ ବିନା ଖବର ସଂଗ୍ରହ, ସଂପାଦନାର ଶ୍ରମ ଏବଂ ଏଥିପାଇଁ ଖର୍ଚ୍ଚ ହୋଇଥିବା ସମୟ ନିରର୍ଥକ ହୋଇଥାଏ। ବର୍ତ୍ତମାନ ସମୟରେ କାହାଣୀଗୁଡ଼ିକୁ ଅନ୍‌ଲାଇନ୍‌ରେ ସ୍ଥାନିତ କରାଯାଉଥିବାରୁ ଶିରୋନାଗୁଡ଼ିକର ଭୂମିକା ଆହୁରି ବଢ଼ିଯାଇଛି। ଏକ ଅନୁସନ୍ଧାନରୁ ଜଣାପଡ଼ିଛି ଯେ ମୁଦ୍ରିତ ଗଣମାଧ୍ୟମ ଭଳି ଅନ୍‌ଲାଇନ୍ ପାଠକମାନେ ଛବିଟିଏ ଦେଖିବା ପୂର୍ବରୁ ପ୍ରଥମେ ଶିରୋନାମା ନଜରକୁ ଆସେ। କୁହାଯାଏ ଯେ ଗୋଟିଏ ସୁନ୍ଦର ଶୀର୍ଷକ ସାରା କାହାଣୀକୁ ବଖାଣେ ଏବଂ କାହାଣୀକୁ ବିକ୍ରି କରେ।

ଶୀର୍ଷକ ଲେଖିଲା ବେଳେ ନିମ୍ନଲିଖିତ ଦିଗ ପ୍ରତି ଦୃଷ୍ଟି ଦେବା ଉଚିତ।

୧- ଶୀର୍ଷକ ଲେଖା ପୂର୍ବରୁ ସଂପୂର୍ଣ୍ଣ କାହାଣୀର ଉତ୍ତମ ପଠନ ଓ ଅନୁଶୀଳନ

୨- ଶୀର୍ଷକ ପାଇଁ ଚୟନ ଶବ୍ଦଗୁଡ଼ିକର ପରୀକ୍ଷାମୂଳକ ସଂଯୋଜନା ଓ କଳ୍ପିତ ଶୀର୍ଷକ ଲେଖନ

୩- ନିର୍ଦ୍ଦିଷ୍ଟ ଓ ସଂକ୍ଷିପ୍ତ ଶବ୍ଦ ଚୟନ

୪- ପ୍ରତିଟି ଶବ୍ଦର ଯଥାର୍ଥ ବ୍ୟବହାର

୫- କାର୍ଯ୍ୟାନ୍ୱୟନ ବା କ୍ରିୟା, ସୃଜନାତ୍ମକ ବ୍ୟବହାର

୬- ଯଦି ଶିରୋନାମା ମନକୁ ଆସିଯାଏ ତାହାଲେ ଲେଖ

- **ସେପାନ : ୧- ସଂପୂର୍ଣ୍ଣ କାହାଣୀର ଉତମ ପଠନ ଓ ଅନୁଶୀଳନ :** ପ୍ରଥମେ ଖବରଦାତାଙ୍କ ମୌଳିକ ରିପୋର୍ଟକୁ ଭଲ ଭାବେ ପଢ଼ି ବୁଝିବାକୁ ଚେଷ୍ଟା କର। ଏହା ଦ୍ୱାରା ଶିରୋନାମା ପ୍ରସ୍ତୁତି ପାଇଁ କାହାଣୀ ଭିତରୁ ଆଠ/ଦଶଟି ଶବ୍ଦ ବାଛିବା ସହଜ ହୁଏ। ତ୍ରୁଟିପୂର୍ଣ୍ଣ କିମ୍ବା ଅଯଥାର୍ଥ ଶିରୋନାମା ପାଠକଙ୍କୁ ବୁଝିବା କଷ୍ଟ ହୁଏ ଏବଂ ଖବରକାଗଜର ବିଶ୍ୱସନୀୟତା ନଷ୍ଟ ହୁଏ।

  କାହାଣୀକୁ ବୁଝିବାର ଅର୍ଥ ସେଥିରେ ଥିବା ତଥ୍ୟଗୁଡ଼ିକ ଉପରେ ଦକ୍ଷତା ହାସଲ ଓ ସେଗୁଡ଼ିକୁ ନିଜ ଆୟତକୁ ଆଣିବା। ଖବରଦାତା କାହାଣୀଟି କିଭଳି ଲେଖିଛନ୍ତି ଏବଂ କାହାଣୀରେ କିଭଳି ଭାବନା ରହିଛି, ସେ ସଂପର୍କରେ ସହ-ସଂପାଦକମାନେ ଭଲ ଭାବେ ଅବଗତ ହେବା ଉଚିତ। କାହାଣୀ ଗମ୍ଭୀର ହୋଇଥିଲେ ଶୀର୍ଷକ ମଧ୍ୟ ଦମଦାର ହେବା ଦରକାର।

- **ସୋପାନ : ୨- ବାକ୍ୟ ଭଳି ଶୀର୍ଷକ ଲେଖ :** ଏକ ଉତ୍ତମ ଶିରୋନାମା ପାଇଁ ବିଭିନ୍ନ ଶବ୍ଦ ଓ ବିଷୟବସ୍ତୁର ସଂଯୋଜନା କର । ତ୍ରୁଟପୂର୍ଣ୍ଣ ଶିରୋନାମା ପାଠକଙ୍କୁ ଆକର୍ଷିତ କରିବାରେ ବିଫଳ ହେବା ସହ ସମ୍ବାଦପତ୍ରର ବିଶ୍ୱସନୀୟତା ପ୍ରତି କ୍ଷତି ପହଞ୍ଚାଇଥାଏ । ଏକ ଖବରକୁ ବୁଝିବା ଅର୍ଥ ଏହାର ତଥ୍ୟ ଉପରେ ଦକ୍ଷତା ହାସଲ କରିବା । ଖବର କିପରି ପ୍ରସ୍ତୁତ ହେବ ଏବଂ ଏଥିରେ ଲେଖକର ଭାବନା କିପରି ରହିବ ତାହା ଖବର ସଂପାଦକମାନେ ଦାୟିତ୍ୱ ତୁଲାଇଥାନ୍ତି । ଯଦି ଖବର ଗମ୍ଭୀର ତାହାଲେ ଶିରୋନାମା ଶକ୍ତଶାଳୀ ହେବା ଆବଶ୍ୟକ ।

- **ସୋପାନ : ୩ - ନିର୍ଦ୍ଦିଷ୍ଟ ଓ ସଂକ୍ଷିପ୍ତ ଶବ୍ଦ ଚୟନ :** ଉପଯୁକ୍ତ ଶୀର୍ଷକଟିଏ ବନାଇବା ଲାଗି ନିର୍ଦ୍ଦିଷ୍ଟ ଓ ସଂକ୍ଷିପ୍ତ ଶବ୍ଦ ଚୟନ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଏହା ଦ୍ୱାରା ଶୀର୍ଷକ ପଢ଼ି ପାଠକ କାହାଣୀକୁ ଅନୁମାନ କରିପାରେ।

- **ସୋପାନ : ୪ - ପ୍ରତିଟି ଶବ୍ଦର ଯଥାର୍ଥ ବ୍ୟବହାର :** ଶୀର୍ଷକ ପାଇଁ ଉଦ୍ଦିଷ୍ଟ ସ୍ଥାନ ପୂରଣ ଲାଗି ଅନାବଶ୍ୟକ ଶବ୍ଦ ବ୍ୟବହାର କର ନାହିଁ। ଶିରୋନାମାରେ ପ୍ରତିଟି ଶବ୍ଦକୁ ନ୍ୟାୟ ଦିଅ। ଏହା ଦ୍ୱାରା ପାଠକ ପାଇଁ ଶୀର୍ଷକ ବୁଝିବା ସହଜ ହୁଏ ଏବଂ ଖବରଦାତାଙ୍କ ପରିଶ୍ରମ ବୃଥା ଯାଏ ନାହିଁ।

- **ସୋପାନ : ୫- କାର୍ଯ୍ୟାନ୍ୱୟନ କ୍ରିୟା (ଆକ୍‌ସନ୍ ଭର୍ବ) ଓ ସୃଜନଶୀଳତାର ବ୍ୟବହାର :** ଶୀର୍ଷକ ଯଦି ଦୁର୍ବଳ ହୁଏ, ପାଠକମାନେ କାହାଣୀ ନ ପଢ଼ି ଛାଡ଼ି ଦେଇପାରନ୍ତି। ଏଣୁ ଶୀର୍ଷକ ବୁଝିହେବା ଭଳି ନିଜ ପସନ୍ଦ ଅନୁସାରେ କ୍ରିୟାଶୀଳ ଶବ୍ଦଗୁଡ଼ିକୁ ବ୍ୟବହାର କର। ଶିରୋନାମା ଅଧିକ ଉନ୍ନତ କରିବା ପାଇଁ ଆଉ ଥରେ କିଛି କ୍ରିୟା ଚୟନ କର । ଶୀର୍ଷକକୁ ଅଧିକ ପ୍ରଭାବଶାଳୀ ଓ ମନଛୁଆଁ କରିବା ଲାଗି ସେଥିରେ କିଛି ପୁଟଦିଆ ସକ୍ରିୟ କ୍ରିୟା ବ୍ୟବହାର କରାଯାଇପାରେ।

ଉଦାହରଣ –

√ ଡାକ୍ତରଖାନରେ ବିଜୁଳି ବିଭ୍ରାଟ, ରୋଗୀ କ୍ରୋଧାନ୍ୱିତ

√ ଦିବା ଯତ୍ନ କେନ୍ଦ୍ରକୁ ପାଣି ଯୋଗାଣ ହ୍ରାସ

- ସୋପାନ : ୬ – ପ୍ରତିବନ୍ଧକ କ୍ଷେତ୍ରରେ ପୁନଃ ଆରମ୍ଭ କର : କାହାଣୀର ଯେଉଁ ଶିରୋନାମା ସ୍ଥାନିତ କରିବାକୁ ଚାହୁଁଛନ୍ତି, ତାହା ସମ୍ଭବ କିଂବା ପସନ୍ଦଯୋଗ୍ୟ ନ ହେଲେ, ସେଥିରେ ସମୟ ନଷ୍ଟ କରିବା ଅନୁଚିତ। ତୁରନ୍ତ କାହାଣୀର ଆଉ ଏକ ଦିଗ ଖୋଜି ଏବଂ ନୂଆ ଶବ୍ଦ ଯୋଡ଼ି ଶୀର୍ଷକ ତିଆରି କରିବା ବୁଦ୍ଧିମାନ୍‌ର କାର୍ଯ୍ୟ। ଏହା ଦ୍ୱାରା ସଂପାଦନା କାର୍ଯ୍ୟରେ ସମୟ ଅପଚୟ ହୁଏ ନାହିଁ।

## ୧.୪.୧ ଶିରୋନାମା ଲିଖନର ପାରମ୍ପରିକ ନିୟମ

ବର୍ଷ ବର୍ଷ ଧରି ସହ-ସଂପାଦକମାନେ ଶିରୋନାମା ଲେଖାର କେତେକ ଗତାନୁଗତିକ ଧାରା ଅନୁସରଣ କରିଆସିଛନ୍ତି। ପାରମ୍ପରିକ ଧାରା ଉତ୍ତମ ଶିରୋନାମାଟିଏ ସୃଷ୍ଟି କରିପାରେ, ମାତ୍ର ଏଭଳି ଧାରା ସଂପାଦନା କାର୍ଯ୍ୟକୁ କଷ୍ଟକର କରିଥାଏ। ଅଧିକାଂଶ ଖବରକାଗଜର ସଂପାଦନା ଟେବୁଲ୍‌ରେ ଶୀର୍ଷକ ଲେଖିଲାବେଳେ ସ୍ପ୍ଲିଟ୍ ରୁଲ୍ (ବିଭାଜିତ ନିୟମ ଅର୍ଥାତ୍ ଏକରୁ ଅଧିକ ଧାଡ଼ିରେ ଶୀର୍ଷକ ତିଆରି) ଆଉ ଅନୁସୃତ ହେଉ ନାହିଁ; କେବଳ ହାତଗଣତି କେତେକ ସହ-ସମ୍ପାଦକ ଏକାଧିକ ଧାଡ଼ିରେ ଶୀର୍ଷକ ଲେଖା  ନିୟମକୁ ନିଷ୍ଠାପର ଭାବେ ପାଳନ କରୁଛନ୍ତି। ଏଣୁ ପ୍ରଥମେ ଆମେ ଶିରୋନାମା ଲେଖାର ଅତି ଖରାପ ସ୍ପ୍ଲିଟ୍ ରୁଲ୍ ବିଷୟରେ ଜାଣିବା, ଶୀର୍ଷକ ଲେଖାରେ ସେଭଳି ନିୟମ ଅନୁସରଣରୁ କ୍ଷାନ୍ତ ରହିବା ଓ ଶୀର୍ଷକରେ ବାରମ୍ବାର ଶବ୍ଦ ବ୍ୟବହାର ନ କରିବା ଦିଗରେ ଯତ୍ନବାନ୍ ହେବା ଉଚିତ। ତା'ସହିତ ଶିରୋନାମାର ବିରାମ ସଙ୍କେତ ଯେଭଳି ଠିକ୍ ଭାବେ ବ୍ୟବହାର କରାଯାଏ ସେଥିପ୍ରତି ଦୃଷ୍ଟି ଦେବା ଦରକାର।

### ସ୍ପ୍ଲିଟ୍ ନିୟମର ବ୍ୟବହାର :

ସଂପାଦନା ଟେବୁଲ୍‌ରେ ଶିରୋନାମା ପ୍ରସ୍ତୁତି ପାଇଁ ଯେତେ ପ୍ରକାରର ପାରମ୍ପରିକ ନିୟମ ଅନୁସରଣ କରାଯାଏ, ସେଗୁଡ଼ିକ ମଧ୍ୟରୁ ବୋଧହୁଏ ସ୍ପ୍ଲିଟ୍ ରୁଲ୍ ବ୍ୟବହାର ଅଧିକ ପସନ୍ଦଯୋଗ୍ୟ। ଯଦି ଏଭଳି ଶୀର୍ଷକରେ କୌଣସି ଅସଙ୍ଗତି ରହେ କିଂବା ଅପ୍ରାସଙ୍ଗିକ ଲାଗେ, ତାହେଲେ ଅନ୍ୟମାନଙ୍କ ଭଳି ଶୀର୍ଷକ ତିଆରି କରନ୍ତୁ, ଦେଖିବେ ଆପଣଙ୍କ ସହିତ ଅନେକ ସହ-ସଂପାଦକଙ୍କ ମତ ମିଶିଯିବ। ମନେ ରଖିବା ଉଚିତ ଯେ ଏଭଳି ନିୟମକୁ ବାଦ୍ ଦେବା ଏକ ଭଲ ଅଭ୍ୟାସ ନୁହେଁ।

ଅଧିକାଂଶ ସହ-ସଂପାଦକ ଗୋଟିଏ କିଂବା ଦୁଇଟି ସ୍ପ୍ଲିଟ୍ ରୁଲ୍ ବ୍ୟବହାର କରି ଶୀର୍ଷକ ଗଠନ କରନ୍ତି। ତେବେ, ତିନିଟି ଯାକ ନିୟମକୁ ଅତି ଚତୁରତାର ସହ ବ୍ୟବହାର କରି ଶୀର୍ଷକ ଗଠନ କରୁଥିବା ସହ-ସଂପାଦକଙ୍କ ସଂଖ୍ୟା କ୍ୱଚିତ୍।

ସାଧାରଣ ସ୍ପ୍ଲିଟ୍ ନିୟମ :

ନିୟମ ୧ :

- ବାକ୍ୟର କର୍ତା କିଂବା କ୍ରିୟାର ଅର୍ଥ ବଦଳାଇ ପାରୁଥିବା ଶବ୍ଦ (ମୋଡିଫାୟାର୍) କୁ ସମାନ ଧାଡ଼ିରେ ରଖ।

ଉଦାହରଣ :

board approves special
education program

(ସ୍ୱତନ୍ତ୍ର ଶିକ୍ଷା କାର୍ଯ୍ୟକ୍ରମକୁ ବୋର୍ଡର ଅନୁମତି)

council passes new
water restrictions

(ନୂତନ ଜଳ କଟକଣା କାଉନ୍‌ସିଲ୍‌ରେ ଗୃହୀତ)

ଏଠାରେ ମୋଡିଫାୟାର୍ ଭାବେ ବ୍ୟବହୃତ special ଏବଂ new ଉପରେ ଗୋଟିଏ ଧାଡ଼ିରେ ଅଛନ୍ତି ଏବଂ ସେଗୁଡ଼ିକ ବିଶେଷ୍ୟ ପଦ program ଓ restrictions କୁ ମୋଡିଫାଏ କରୁଛନ୍ତି, ଯାହା ପ୍ରଥମ ସ୍ପ୍ଲିଟ୍ ନିୟମର ଉଲ୍ଲଂଘନ କରୁଛି।

ନିୟମ : ୨

- କ୍ରିୟା ଅଂଶକୁ ଭାଙ୍ଗି ଦୁଇଟି ଧାଡ଼ି କର ନାହିଁ

ଉଦାହରଣ :

university to
close library

(ବିଶ୍ୱବିଦ୍ୟାଳୟ ପାଠାଗାର ବନ୍ଦ ହେବ)

hawks have
found centre

(ବାଜପକ୍ଷୀଙ୍କୁ ସେମାନଙ୍କ ସ୍ଥାନ ମିଳିଗଲା)

ଏଭଳି ଶୀର୍ଷକ ଲେଖା ବର୍ଜନୀୟ କାରଣ ଏଠାରେ କ୍ରିୟା to close ଏବଂ have found ଗୋଟିଏ ଧାଡ଼ିରେ ନାହାନ୍ତି।

ନିୟମ : ୩

- ଶୀର୍ଷକରେ prepositionsକୁ ସେମାନଙ୍କ objects ଠାରୁ ବିଭାଜିତ କର ନାହିଁ।

ଉଦାହରଣ : woman drowns in
vat of chocolate

(ଚକୋଲେଟ୍ ତିଆରି କୁଣ୍ଡରେ ମହିଳା ପଡ଼ିଗଲେ)

fighting breaks out between
guards, inmates after games

(ଜଗୁଆଳି ଓ ଅନ୍ତେବାସୀଙ୍କ ମଧ୍ୟ ସଂଘର୍ଷର ସୂତ୍ରପାତ)

ଏଭଳି ଶୀର୍ଷକ ଲେଖାରୁ ବିରତ ହୁଅନ୍ତୁ, କାରଣ ଏଠାରେ ବ୍ୟବହୃତ ଦୁଇଟି preposition - in ଏବଂ between ସେମାନଙ୍କର object (କର୍ମ) ଯଥାକ୍ରମେ vat ଏବଂ guards, inmates ଠାରୁ ଅଲଗା ହୋଇ ବ୍ୟବହୃତ ହୋଇଛନ୍ତି।

ଆଉ ଗୋଟିଏ ଆଶ୍ଚର୍ଯ୍ୟଜନକ କଥା ହେଉଛି, ଏବେ ତିନିଧାଡ଼ିଆ ଶୀର୍ଷକ ଲେଖିବା ବେଳେ ସହ-ସଂପାଦକମାନେ ଉପର ବର୍ଣ୍ଣିତ ସମସ୍ତ ତିନି ପ୍ରକାରର ସ୍ଲିଟ୍ ନିୟମକୁ ଦ୍ୱିତୀୟ ଓ ତୃତୀୟ ଧାଡ଼ିରେ ଭାଙ୍ଗି ଲେଖିବା ଆରମ୍ଭ କଲେଣି। ସେହିପରି ଚାରି ଧାଡ଼ିଆ ଶୀର୍ଷକ ଲେଖା କ୍ଷେତ୍ରରେ ମଧ୍ୟ ତୃତୀୟ କିଂବା ଚତୁର୍ଥ ଧାଡ଼ିକୁ ଭାଙ୍ଗି ଲେଖାଯାଉଛି। ନିମ୍ନଲିଖିତ ଉଦାହରଣରୁ ତାହା ବୁଝି ହେବ।

୪. dies as truck
rams car on
icy highway

(ବରଫାଚ୍ଛନ୍ନ ରାସ୍ତାରେ ଟ୍ରକ୍-କାର୍ ଧକ୍କା, ୪ ମୃତ)

ଏଠାରେ preposition 'on' ଯଦିଓ ଏହା ମୋଡିଫାଏ କରୁଥିବା ବିଶେଷ୍ୟ ଠାରୁ ବିଭାଜିତ ହୋଇଛି, ତଥାପି ଏ ପ୍ରକାର ଶିରୋନାମା ଗ୍ରହଣଯୋଗ୍ୟ।

୪ର୍ଥ ନିୟମ :

- ଗୋଟିଏ ଶବ୍ଦର ପୁନରାବୃତି କର ନାହିଁ

କେତେକ ସ୍ୱତନ୍ତ୍ର ଘଟଣା ବ୍ୟତୀତ ଶିରୋନାମାରେ ଗୋଟିଏ ଶବ୍ଦକୁ ବାରଂବାର ବ୍ୟବହାର କର ନାହିଁ।

ଉଦାହରଣ : GM plans to buy 10 acres
for planning plant expansion

(କାରଖାନା ସଂପ୍ରସାରଣ ନିମନ୍ତେ ୧୦ ଏକର ଜାଗା କିଣିବାକୁ ଜିଏମ୍‌ଙ୍କ ଯୋଜନା)

ଏଠାରେ କ୍ରୁଷବଭ କୁ ଉଭୟ କ୍ରିୟା ଓ ବିଶେଷଣ ଭାବେ ବ୍ୟବହାର କରାଯାଇଛି। ଯେତେବେଳେ ଶୀର୍ଷକର ଗୋଟିଏ ମୁଖ୍ୟ ଧାଡ଼ି ଏବଂ ତା' ତଳକୁ କମ୍ ଗୁରୁତ୍ୱ ବହନ କରୁଥିବା ଛୋଟିଆ ଧାଡ଼ି ଥାଏ, ତାହାକୁ ଯରମଳ କୁହାଯାଏ। ଏ ପ୍ରକାର ଶୀର୍ଷକରେ ଗୋଟିଏ ଶବ୍ଦର ପୁନଃ ବ୍ୟବହାର ଅନୁଚିତ।

ଆଉ ଗୋଟିଏ ଉଦାହରଣ ଉପରେ ଦୃଷ୍ଟି ଦିଅନ୍ତୁ -

zoo fined for mistreating animals
animals kept in filthy cages, fed spoilt meat

(ଜୀବଜନ୍ତୁଙ୍କ ଯତ୍ନରେ ଅବହେଳା ପାଇଁ ଚିଡ଼ିଆଖାନା ଉପରେ ଜରିମାନା ଅପରିଷ୍କାର ଯନ୍ତାରେ ଜୀବଜନ୍ତୁ, ଖାଦ୍ୟରେ ପଚା ମାଂସ)

ଏଠାରେ ବଭସଜ୍ଞବକ୍ଷ ଶବ୍ଦ ଦୁଇଥର ବ୍ୟବହୃତ ହୋଇଛି। ମୁଖ୍ୟ ଶୀର୍ଷକର ତଳ ଧାଡ଼ିରେ ପୁଣି ଥରେ ସମାନ ଶବ୍ଦ ରହିଛି। ଏଭଳି ଶୀର୍ଷକ ବର୍ଜନୀୟ।

ଏହାକୁ ଭିନ୍ନ ଭାବେ ଲେଖାଯାଇପାରେ।

Zoo fined for mistreating rare tigers
Animals kept in filthy cages, fed spoiled meat

(ହାତ ଗଣତି ବାଘଙ୍କ ଯତ୍ନରେ ଅବହେଳା ପାଇଁ ଚିଡ଼ିଆଖାନକୁ ଜରିମାନା ଅପରିଷ୍କାର ଯନ୍ତାରେ ଜୀବଜନ୍ତୁ, ଖାଦ୍ୟରେ ପଚା ମାଂସ)

ଶିରୋନାମାରେ ସାମାନ୍ୟ ଚମକ ଆଣିବା ଲାଗି ଗୋଟିଏ କ୍ରିୟାପଦକୁ ଭିନ୍ନ ଢଙ୍ଗରେ ଦୁଇ ଥର ବ୍ୟବହାର କରାଯାଇପାରେ। ବଡ଼ ବଡ଼ ଖବରକାଗଜ, ଯେଉଁଠି ଜଣେ ସହ-ସଂପାଦକ ଗୋଟିଏ ପୃଷ୍ଠାରେ ପ୍ରକାଶିତ ସମସ୍ତ କାହାଣୀର ଶୀର୍ଷକ ଲେଖନ୍ତି, ସେଠାରେ ଯେଭଳି କୌଣସି କାହାଣୀର ଶୀର୍ଷକରେ ସମାନ ଶବ୍ଦ ଏକାଧିକ ଥର ବ୍ୟବହାର ନ ହୁଏ, ସେଥିପ୍ରତି ଧ୍ୟାନ ରହିବା ଜରୁରୀ। ଛୋଟ ଖବରକାଗଜ କ୍ଷେତ୍ରରେ ମଧ୍ୟ ସହ-ସଂପାଦକଙ୍କ ଦ୍ୱାରା ତିଆରି ଶୀର୍ଷକଗୁଡ଼ିକୁ ସଂପାଦକ ଯାଂଚ୍ କରିବା ସହ ଆବଶ୍ୟକ ସ୍ଥଳେ ସଂଶୋଧନ କରିବା ଉଚିତ। ଇନ୍‌ଟ୍ରୋରେ ଉଲ୍ଲେଖ ଧାଡ଼ି ଶୀର୍ଷକରେ ଯେଭଳି ପୁନରାବୃତ୍ତି ନ ହୁଏ, ସେଥିପ୍ରତି ମଧ୍ୟ ଯତ୍ନବାନ୍ ହେବା ଆବଶ୍ୟକ।

ଉଦାହରଣ ଭାବେ ଗୋଟିଏ ଖବରର ଶୀର୍ଷକ ଓ ଏହାର ଇନ୍‌ଟ୍ରୋ ନିମ୍ନରେ ଉଲ୍ଲେଖ କରାଯାଇଛି। ଭଲ ଭାବେ ପଢ଼ନ୍ତୁ, ଯାହାକୁ ଏକ ଦୁର୍ବଳ କିମ୍ବା ଖରାପ ଶୀର୍ଷକ କୁହାଯାଇପାରେ।

Dump truck rams car; 4 die

(କାର୍ ଉପରେ ଚଢ଼ିଗଲା ଡମ୍ପ ଟ୍ରକ୍ , ୪ ମୃତ)

A dump truck loaded with dirt
rammed a car on State Road 26 Wednesday
night, killing four people.

(ବୁଧବାର ୨୬ ନଂ. ରାଜ୍ୟ ରାଜପଥରେ ଗୋଟିଏ କାର୍ ଉପରେ ଅଳିଆ-ଆବର୍ଜନା ବୋଝେଇ ଡମ୍ପର ଟ୍ରକ୍ ଚଢ଼ିଯିବାରୁ ଚାରି ଜଣଙ୍କର ମୃତ୍ୟୁ ଘଟିଛି।)

## ୧.୪.୨ ଖବରର ସୂତ୍ର ଓ ପରିଚୟର ବ୍ୟବହାର

ଗୋଟିଏ ଖବରକୁ ସୂତ୍ର/ଉତ୍ସ ସହିତ ଉପସ୍ଥାପନ କରିବା ଏବଂ ସେଥିରେ ସୂତ୍ରଙ୍କ ପରିଚୟ ଉଲ୍ଲେଖ କରିବା ଏକ ଗୁରୁତ୍ୱପୂର୍ଣ୍ଣ ପାରମ୍ପରିକ ନିୟମ। ବେଳେବେଳେ କିଛି ଖବର ପାଠକଙ୍କ ମନରେ ଖରାପ ଧାରଣା ସୃଷ୍ଟି କରିଥାଏ। ସେଭଳି କ୍ଷେତ୍ରରେ ଖବରଦାତା ଖବରର ସୂତ୍ର ଏବଂ ଘଟଣାର ପୃଷ୍ଠଭୂମିରେ ଥିବା ବ୍ୟକ୍ତିଙ୍କ ବିବୃତି ଉଦ୍ଧାର କରି ପାଠକଙ୍କ ମନରୁ ଭ୍ରମାତ୍ମକ ଧାରଣା ଦୂର କରିପାରିବେ। ଏହା ଦ୍ୱାରା ପାଠକ ନିଶ୍ଚିତ ହୋଇପାରିବେ ଯେ ଉଲ୍ଲେଖ ସୂଚନା ଖବରକାଗଜର ମନଗଢ଼ା କଥା ନୁହେଁ। ଉକ୍ତିକୁ ନ୍ୟାୟ ଦେବା କିଂବା ପ୍ରମାଣସିଦ୍ଧ କରାଇବା ଉଦ୍ଦେଶ୍ୟରେ ବାକ୍ୟରେ "ହୋଇପାରେ" (may) କିଂବା "ହୋଇପାରନ୍ତା" (could) ଭଳି ଶବ୍ଦ ମଧ୍ୟ ବ୍ୟବହାର କରିପାରିବେ।

- **ଶିରୋନାମା ଲିଖନର ସୂକ୍ଷ୍ମ ଶୈଳୀ :** ଖବରକାଗଜରେ ପ୍ରକାଶିତ ଖବରର ଶୀର୍ଷକରେ ସ୍ୱତନ୍ତ୍ର ବ୍ୟାକରଣ ବ୍ୟବହାର କରିବାକୁ ପଡ଼େ। ଏହାର ମୁଖ୍ୟ କାରଣ ହେଉଛି ସଂକ୍ଷିପ୍ତ ଶୀର୍ଷକ ଗଠନ ଓ ପାଠକଙ୍କ ଦୃଷ୍ଟି ଆକର୍ଷଣ।

**ପ୍ରଥମ ନିୟମ :**

- ବର୍ତ୍ତମାନ କାଳର ବ୍ୟବହାର :

ପାଠକଙ୍କୁ ତୁରନ୍ତ ଓ ତାଜା ଖବର ଜଣାଇବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ବର୍ତ୍ତମାନ କାଳର ବ୍ୟବାହାର ଦ୍ୱାରା ଘଟୁଥିବା ଘଟଣାର ଗୁରୁତ୍ୱ ବଢ଼େ ଏବଂ ଘଟଣାର ସମାପ୍ତି ହୋଇ ନଥିବାର ଅଭାସ ମିଳେ।

ଉଦାରଣ : Parliament confirms new stray dog policy

(ବୁଲା କୁକୁର ପାଇଁ ପାର୍ଲାମେଂଟ୍‌ର ନୂଆ ନିୟମ)

Lion escapes zoo

(ଚିଡ଼ିଆଖାନାରୁ ସିଂହ ଚମ୍ପଟ୍)

ଗୋଟିଏ କାର୍ଯ୍ୟର 'ସମୟ' କିଂବା ପରିଣାମ ସଂପର୍କରେ ବର୍ଣ୍ଣନା କରିବା ଅଥବା ଘଟିସାରିଥିବା ଘଟଣାକୁ ପ୍ରକାଶ କରିବାବେଳେ ଆମେ ସମାପ୍ତିବାଚକ କାଳ (perfect tense) ବ୍ୟବହାର କରିପାରିବା। ସେହି ପରି

ଯଦି ଘଟଣାର ପରିବର୍ତ୍ତନ କରିବା ଆବଶ୍ୟକ ଥାଏ, ସେ କ୍ଷେତ୍ରରେ ବର୍ତ୍ତମାନ ଚାଲୁଥିବା କାଳ (perfect continuous) ବ୍ୟବହାର କରାଯାଇପାରେ।

**ଦ୍ୱିତୀୟ ନିୟମ :**

- ଶୀର୍ଷକରୁ ସହାୟକ କ୍ରିୟା ବାଦ୍

ସମାପ୍ତିବାଚକ, ବର୍ତ୍ତମାନ ଚାଲିଥିବା ଓ କର୍ମ ବାଚ୍ୟ (ପରଫେକ୍ଟ କନ୍‌ଟିନୁଅସ୍ ଓ ପ୍ୟାସିଭ୍ ଷ୍ଟ୍ରକ୍‌ଚର୍)ରେ ଲେଖାଯାଇଥିବା ଶିରୋନାମାରେ ସାହାଯ୍ୟକାରୀ କ୍ରିୟାର ବ୍ୟବହୃତ ହୁଏ ନାହିଁ। ଫଳରେ କେତେକ ଶିରୋନାମା ଅତୀତ କାଳ (ପାଷ୍ଟ୍ ଟେନ୍‌ସ) ଭଳି ଲାଗନ୍ତି, କିନ୍ତୁ ପ୍ରକୃତରେ ସେଗୁଡ଼ିକର ମୁଖ୍ୟ କ୍ରିୟା ଅତୀତ କାଳ ନୁହେଁ, ପାଷ୍ଟ୍ ପାର୍ଟିସିପଲ୍‌ରେ ବ୍ୟବହୃତ ହୋଇଥାଏ। ସେହିଭଳି ବଦଳୁଥିବା ଘଟଣାର କ୍ରିୟା ପ୍ରେଜେନ୍‌ଟ ପାର୍ଟିସିପଲ୍ ଭାବେ ଉପସ୍ଥାପନ କରାଯାଏ।

ଉଦାହରଣ :

New policy decided by Parliament

*(New policy has been decided by Parliament)*

ପାର୍ଲାମେଂଟ୍ ଦ୍ୱାରା ନୂଆ ନିୟମ ପାଇଁ ନିଷ୍ପତ୍ତି

Lion escapes zoo – ten killed

*(ten people have been killed / were killed)*

ଚିଡ଼ିଆଖାନାରୁ ସିଂହ ଚମ୍ପଟ୍, ୧୦ ମୃତ

Four stranded in sudden flood

*(four people have been stranded / were stranded)*

ଅକସ୍ମାତ୍ ବନ୍ୟା, ୪ ଜଳବନ୍ଦୀ

Temperatures rising as climate changes *(temperatures are rising)*

ଜଳବାୟୁ ପରିବର୍ତ୍ତନରୁ ତାପମାତ୍ରା ବୃଦ୍ଧି

**ତୃତୀୟ ନିୟମ :**

- ଭବିଷ୍ୟତ ଘଟଣା ପାଇଁ ଇନଫିନିଟିଭ୍‌ର (to) ର ବ୍ୟବହାର

ଉଦାହରଣ :

Parliament to decide new policy tomorrow

ପାର୍ଲାମେଂଟ୍‌ର ନୂଆ ଯୋଜନାର ନିଷ୍ପତ୍ତି ଆସନ୍ତାକାଲି

President to visit Italy for further talks

ପରବର୍ତ୍ତୀ ଆଲୋଚନା ପାଇଁ ରାଷ୍ଟ୍ରପତି ଇଟାଲି ଯିବେ

**ଚତୁର୍ଥ ନିୟମ :**

- ଆର୍ଟିକଲ୍‌(ଏ, ଏନ୍, ଦ) ବ୍ୟବହାର ନ କରିବା

ଉଦାହରଣ :

Man releases rabid dog in children park

ଶିଶୁ ଉଦ୍ୟାନରେ ଯୁବକକୁ ଛାଡ଼ିଦେଲେ ପାଗଳ କୁକୁର

(A man released a rabid dog in a children park)

**ପଂଚମ ନିୟମ :**

- ହେବା, ଅଛନ୍ତି, ହୋଇଛନ୍ତି ଭଳି ଶବ୍ଦ (to be- am, are, is, was, were, been, being) ର ଉଲ୍ଲେଖ ଅନାବଶ୍ୟକ ।

ଉଦାହରଣ :

Residents unhappy about new road

(Residents are unhappy)

ନୂଆ ରାସ୍ତାକୁ ନେଇ ଅଂଚଳବାସୀ ଅସନ୍ତୁଷ୍ଟ

**ଷଷ୍ଠ ନିୟମ :**

to say ଭଳି ଶବ୍ଦର ବ୍ୟବହାର ଅନୁଚିତ

ଉଦାହରଣ :

Mr Jones: “They’re not taking my house!”

bush on iraqi invasion: “this agression will not stand.”

ବେଳେବେଳେ ଖବରର ଶୀର୍ଷକ ପ୍ରତ୍ୟକ୍ଷ ଉକ୍ତିରେ ଲେଖାଯାଏ । ଉକ୍ତି ପ୍ରଦାନକାରୀ (କର୍ତ୍ତା)ଙ୍କ ପରେ ବିରାମ ଚିହ୍ନ, ହାଇଫେନ୍ କିଂବା କମା ବ୍ୟବହାର ହୁଏ ଏବଂ ତା’ ପରେ ଉଦ୍ଧୃତି ଚିହ୍ନ ଭିତରେ ଉକ୍ତିଟି ରହେ । ଏ ଭଳି କ୍ଷେତ୍ରରେ କର୍ତାଙ୍କ ଉକ୍ତି ପରେ ମତଦେବା, କହିବା, ଯୁକ୍ତି କରିବା, ଘୋଷଣା କରିବା, ଚିତ୍କାର କରିବା ଭଳି ଶବ୍ଦ ପ୍ରୟୋଗ ଅନୁଚିତ ।

**ସପ୍ତମ ନିୟମ :**

- ସଂଯୋଜକ ଅବ୍ୟୟ ପଦ (conjunction) ସ୍ଥାନରେ punctuation (ବିରାମ ଚିହ୍ନ- commas, colons, semi-colons, hyphen)ର ବ୍ୟବହାର

ଉଦାହରଣ :

Police arrest serial killer – close case on
abductions
Fire in bakery: hundreds dead

ବେକେରିରେ ଅଗ୍ନିକାଣ୍ଡ, ଶତାଧିକ ମୃତ, ସେହିପରି ଦୁଇଟି ବିଶେଷ୍ୟକୁ ଯୋଡ଼ିବା ପାଇଁ କମା(,) ବ୍ୟବହାର କରାଯାଇପାରିବ।

ଉଦାହରଣ :

Man kills 5, self

ଆତ୍ମହତ୍ୟା ସହିତ ୫ ଜଣଙ୍କୁ ହତ୍ୟା

**ଅଷ୍ଟମ ନିୟମ :**

ସଂଖ୍ୟାଗୁଡ଼ିକୁ ଅଙ୍କରେ ଲେଖ

ଉଦାହରଣ :

9 dead in glue catastrophe

7 days to Christmas – shoppers go mad

ଖବରକାଗଜ ପାଇଁ ଉଦ୍ଦିଷ୍ଟ ବ୍ୟାକରଣଗତ ନିୟମ ବେଳେବେଳେ ଶୀର୍ଷକକୁ ଅସ୍ପଷ୍ଟ କରିପାରେ; କାରଣ କିଛି ଶବ୍ଦ ଲେଖାଯାଏ ନାହିଁ, କେବଳ ଶୀର୍ଷକରୁ କାହାଣୀର ଅଭାସ ମିଳେ। ଏପରିକି ବଡ଼ କିମ୍ବା କଠିନ ଶବ୍ଦର ବ୍ୟବହାର ପ୍ରାୟତଃ ହୁଏ ନାହିଁ। ସ୍ପଷ୍ଟ ଓ ସଂକ୍ଷିପ୍ତ ଶବ୍ଦ ହିଁ ବ୍ୟବହୃତ ହୁଏ। କିଛି ଖବରକାଗଜ ନିଜ ଶୈଳୀ ଓ ସୁବିଧା ଅନୁସାରେ ଶୀର୍ଷକର ଶବ୍ଦଗୁଡ଼ିକୁ କମା ଦ୍ୱାରା ଯୋଡ଼ି ଲେଖୁଥିବାର ଦେଖାଯାଏ।

## ୧.୫ ଖବରକାଗଜ ପାଇଁ ପ୍ରବନ୍ଧ/ଆଲେଖ୍ୟ(ନ୍ୟୁଜ୍ ଆର୍ଟିକଲ) ଲେଖିବା କୌଶଳ : ଲିଡ୍ କିମ୍ବା ଇନ୍‌ଟ୍ରୋ

ଗୋଟିଏ ଆଲେଖ୍ୟର ଉପକ୍ରମକୁ ଲିଡ୍ କୁହାଯାଏ ଏବଂ ଏହା ସାଧାରଣତଃ ଗୋଟିଏ ପ୍ରବନ୍ଧର ପ୍ରଥମ ଅନୁଚ୍ଛେଦ ଭଳି ଲେଖାଯାଏ। ଏହା ପାଠକମାନଙ୍କୁ କେବଳ ଉକ୍ତ ଲେଖା ସଂପର୍କରେ ଧାରଣା ଦିଏ ନାହିଁ, ଆଗକୁ ପଢ଼ିବା ଲାଗି ପାଠକ ମନରେ ଉତ୍ସାହ ସୃଷ୍ଟି କରେ। ଏଥିରୁ ଜଣେ ପାଠକକୁ ୫ଡବ୍ଲୁ ୧ ଏଚ୍‌ର ଉତ୍ତର ମଧ୍ୟ ମିଳିଥାଏ।

୧- କ'ଣ ଘଟିଲା ? କ'ଣ ଘଟିପାରିଥା'ନ୍ତା ?

୨- ଏହା କିଏ କଲା ? କାହା ପ୍ରତି ଏହା ଘଟିଲା ? କାହା ଦ୍ୱାରା ଏହା ଘଟିଲା ?

୩- ଏହା କେଉଁଠି ଘଟିଲା ? କେଉଁଠାରେ ଏହାର ପ୍ରଭାବ ଅନୁଭୂତ ହେବ ?

୪- ଏହା କେବେ ଘଟିଲା ? ଏହା କେବେ ଘଟିବାକୁ ଯାଉଛି ?

୫- ଏହା କାହିଁକି ଘଟିଲା ? ତୁମ ପାଠକମାନେ ଏଥିପ୍ରତି କାହିଁକି ଦୃଷ୍ଟି ଦେବେ ?

୬- ଏହା କିଭଳି ଘଟିଲା ? ଏହା କିଭଳି ଘଟେ ?

ଗୋଟିଏ କାହାଣୀର ଲିଡ୍ ବା ପ୍ରଥମ ଅନୁଚ୍ଛେଦ ଖୁବ୍ ଗୁରୁତ୍ୱପୂର୍ଣ୍ଣ। କାରଣ ଆଜିକାଲି କୌଣସି ଘଟଣା ସଂପର୍କରେ ଜାଣିବା ପାଇଁ ପାଠକମାନଙ୍କ ନିକଟରେ ଖବରକାଗଜ, ପତ୍ରପ୍ରତ୍ରିକା, ଟେଲିଭିଜନ୍, ରେଡିଓ, ଇଂଟରନେଟ୍ ଆଦି ଏକାଧିକ ସୂତ୍ର/ମାଧ୍ୟମ ଉପଲବ୍ଧ । ଏଣୁ ଆପଣ ଲେଖିଥିବା କାହାଣୀର ଲିଡ୍ ବା ପ୍ରଥମ ଅନୁଚ୍ଛେଦ ପାଠକଙ୍କୁ ଆକୃଷ୍ଟ ନ କଲେ, ସେମାନେ ଆଉ ଆଗକୁ ପଢ଼ିବାର ଆଗ୍ରହ ରଖିବେ ନାହିଁ। ସୁନ୍ଦର ଭାବେ ଉପସ୍ଥାପିତ ଲିଡ୍ କେବଳ ତାହା ହିଁ କରିଥାଏ ଏବଂ କାହାଣୀର ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ସୂଚନାକୁ ସ୍ୱଷ୍ଟ, ସଂକ୍ଷିପ୍ତ ଓ କୌତୂହଳପୂର୍ଣ୍ଣ ଢଙ୍ଗରେ ପାଠକଙ୍କୁ ଜଣାଇଦିଏ। କାହାଣୀର ସ୍ୱର ଓ ଦିଗ ସଂପର୍କରେ ଏକ ଧାରଣା ମଧ୍ୟ ଲିଡ୍‌ରୁ ମିଳିଯାଏ।

## ଶୀର୍ଷାଂଶ ଲେଖନ ଓ ସଂଶୋଧନ/ପୁନର୍ଲିଖନ ନିୟମାବଳୀ :

୧. ନିର୍ଦ୍ଦିଷ୍ଟ ସୂଚନା : ଶୀର୍ଷାଂଶରେ ସୂଚନାଗୁଡ଼ିକର ସାରାଂଶ ଲେଖାଯାଏ : ସେଗୁଡ଼ିକ ଯେଭଳି ନିର୍ଦ୍ଦିଷ୍ଟ ଭାବେ ସୂଚିତ ହୁଏ, ସେଥିପ୍ରତି ଯତପରୋନାସ୍ତି ଯତ୍ନବାନ୍ ହେବା ଉଚିତ। ଲିଡ୍ ଅଧିକ ବିସ୍ତୃତ ଭାବେ ବର୍ଣ୍ଣନା କରନ୍ତୁ ନାହିଁ। କାରଣ ଏହା ଦ୍ୱାରା ତାହା ସୂଚନାଧର୍ମୀ ହୁଏ ନାହିଁ କିଂବା ପାଠକ ମନରେ ଆଗକୁ ପଢ଼ିବାର ଆଗ୍ରହ ଆସେ ନାହିଁ। ଉପକ୍ରମରେ ଶବ୍ଦ ଝୁଂଟିବା ଭଳି ସମସ୍ୟା ଏଡ଼ାଇବା ଲାଗି ଥରେ ବଡ଼ ପାଟିରେ ପଢ଼ିଦେବା ଉଚିତ। ଅସ୍ପଷ୍ଟ କିଂବା ଅନାବଶ୍ୟକ ଶବ୍ଦ କାଟିଦେବା ଦରକାର। ଲିଡ୍ ପଢ଼ିବା ବେଳେ ଜଣେ ପାଠକ ମନରେ କେଉଁ ଭଳି ପ୍ରଶ୍ନ ଆସିପାରେ, ତାହାକୁ ନିଜେ ଭଲ ଭାବେ ପରଖି ନିଅନ୍ତୁ। ଲିଡ୍ ଅନୁସାରେ କାହାଣୀର ଉପସ୍ଥାପନା, ପାଠକଙ୍କ ମନରେ ଉଠୁଥିବା ପ୍ରଶ୍ନର ଉତ୍ତର ଏବଂ ପାଠକଙ୍କ ଆଗ୍ରହ ବଢ଼ାଇବା ଭଳି ଶବ୍ଦର ବ୍ୟବହାର ହୋଇଛି କି ନା, ତାହା ମଧ୍ୟ ଭଲ ଭାବେ ଯାଂଚ୍ କରନ୍ତୁ।

୨. ସଂକ୍ଷିପ୍ତୀକରଣ : ପାଠକମାନେ ସବୁବେଳେ ଜାଣିବାକୁ ଇଚ୍ଛା କରନ୍ତି ଯେ ସେମାନେ କାହିଁକି କାହାଣୀଟି ପଢ଼ିବା ଦରକାର ଏବଂ ଏହାର ଉତ୍ତର ପାଇଁ ସେମାନେ ଅଧିକ ସମୟ ଅପେକ୍ଷା କରନ୍ତି ନାହିଁ। ଲିଡ୍ ହିଁ ସେମାନଙ୍କ ଜିଜ୍ଞାସା ତତ୍‌କ୍ଷଣାତ୍ ଦୂର କରିଥାଏ। ଲିଡ୍ ଗୋଟିଏ ଧାଡ଼ି ହୋଇପାରେ, ବେଳେବେଳେ ଦୁଇଟି ଧାଡ଼ି ପର୍ଯ୍ୟନ୍ତ ବଢ଼ିପାରେ। ତେବେ, ସାଧାରଣତଃ ୨୫-୩୦ଟି ଶବ୍ଦ ମଧ୍ୟରେ ଲିଡ୍ ସୀମିତ ରହିବା ଉଚିତ। ଲିଡ୍‌ରେ ୪୦ରୁ ଅଧିକ ଶବ୍ଦର ବ୍ୟବହାର ପ୍ରାୟତଃ ହୁଏ ନାହିଁ। ମନଇଚ୍ଛା ଶବ୍ଦର ବ୍ୟବହାର ଯେପରି ନ ହୁଏ, ସେଥିପ୍ରତି ଯତ୍ନବାନ୍ ହେବା ଉଚିତ। ସୂଚନାଗୁଡ଼ିକର ସଂକ୍ଷିପ୍ତୀକରଣ କୌଶଳ ବାବଦରେ ଆଜିକାଲିର ସାମ୍ବାଦିକମାନେ ଶିକ୍ଷା କରିବା ଉଚିତ।

୩. କର୍ତ୍ତୃ ବାଚ୍ୟ : ସକ୍ରିୟ କ୍ରିୟାର ବ୍ୟବହାର ବାକ୍ୟକୁ ଜୀବନ୍ତ ଓ ଆଗ୍ରହପ୍ରଦ କରାଇଥାଏ। ଏଥିପାଇଁ ବାକ୍ୟଟି କର୍ତ୍ତୃ ବାଚ୍ୟରେ ଲେଖାଯିବା ଉଚିତ। ଏହା ଦ୍ୱାରା ଲେଖାଟି ଜୀବନ୍ତ ହୁଏ ଏବଂ ପାଠକ ମନରେ କୌତୂହଳ ବଢ଼େ। ଅନ୍ୟପକ୍ଷରେ, କର୍ମ ବାଚ୍ୟରେ ପ୍ରକାଶିତ ଶବ୍ଦ ଅସ୍ପଷ୍ଟ ଶୁଭିପାରେ, ଘଟଣା ଘଟାଉଥିବା ବ୍ୟକ୍ତି କିଂବା ଅନ୍ୟ କିଛି ଗୁରୁତ୍ୱପୂର୍ଣ୍ଣ ସୂଚନା ଉହ୍ୟ ରହିଯାଇପାରେ। ବେଳେବେଳେ ଅସଂପୂର୍ଣ୍ଣ ଖବର ସଂଗ୍ରହ ଏହାର ଏକ କାରଣ। ତେଣୁ, କର୍ମ ବାଚକ କ୍ରିୟାକୁ କର୍ତ୍ତୃ ବାଚକ କ୍ରିୟାରେ ପରିଣତ କରାଇଦେବା ଉଚିତ। ଉଦାହରଣ ସ୍ୱରୂପ - is playing should be replaced with `plays'.

୪. ପାଠକ ଓ ପ୍ରସଙ୍ଗ : ପାଠକମାନେ କଣ ଜାଣିସାରିଛନ୍ତି ତାହା ପ୍ରଥମେ ବିଚାରକୁ ନିଆଯିବା ଆବଶ୍ୟକ। କାରଣ ଆଜିକାଲି ଗଣମାଧ୍ୟମର ବିଭିନ୍ନ ମଂଚରେ ବ୍ରେକିଂ ନ୍ୟୁଜ୍ ଆସୁଛି। ପାଠକ ଓ ଦର୍ଶକମାନେ ମଧ୍ୟ ଖୁବ୍ ସଚେତନ। ଘଟଣାର ପର ଦିନ ପ୍ରକାଶିତ ହେବାକୁ ଥିବା ଛାପା ଗଣମାଧ୍ୟମ ପାଇଁ ଆପଣ ଯଦି ଲେଖୁଥାନ୍ତି, ତା' ହେଲେ ଲିଡ୍‌ରେ ବିଗତ ଦିନର ତଥ୍ୟ ତୁଳନାରେ ଅଧିକ ସୂଚନା/ତଥ୍ୟ ରହିବା ଉଚିତ।

୫. ସାଧୁତା : ଲେଖାରେ ସାଧୁତା ଆଚରଣ ଖବରକାଗଜର ବିଶ୍ୱସନୀୟତା ବଜାୟ ରଖେ। ତାହା ପ୍ରଥମେ କାହାଣୀର ଆରମ୍ଭ ବା ଲିଡ୍‌ରେ ପ୍ରତିଫଳିତ ହେବା ଉଚିତ।

୬. ସଠିକତା ଯାଂଚ୍ : ବନାନ୍ ନିର୍ଭୁଲ ହେବା ଉଚିତ। ସ୍ଥାନ ବା ଅଂଚଳର ନାମ, ସମୟ, ତାରିଖ ତଥା ବ୍ୟକ୍ତିଙ୍କ ବାବଦରେ ଉଲ୍ଲେଖ ତଥ୍ୟ ଯେପରି ସଂପୂର୍ଣ୍ଣ ତ୍ରୁଟିଶୂନ୍ୟ ହୁଏ, ତାହାକୁ ଭଲ ଭାବେ ଯାଂଚ୍ କରିନେବା ଦରକାର।

୭. ନୂତନତ୍ୱବିହୀନ ଶବ୍ଦ/ବାକ୍ୟାଂଶର ଉଚ୍ଛେଦ : ପୂର୍ବରୁ ପ୍ରକାଶିତ ଶବ୍ଦ କିଂବା ବାକ୍ୟାଂଶର ପୁନଃବ୍ୟବହାର ଅନୁଚିତ। ଆପଣଙ୍କ ଲେଖାରେ କିଛି ନୂଆ ଶବ୍ଦ, କିମ୍ବା ନୂଆ ଚିନ୍ତାଧାରା ନ ଥିଲେ ଲେଖାର ମୌଳିକତା ରହେ ନାହିଁ। ପ୍ରତି ଦିନ ଶୁଣୁଥିବା ଶବ୍ଦ କିଂବା ଅତି ଲୋକପ୍ରିୟ ବାକ୍ୟାଂଶ ବ୍ୟବହାର କରୁଥିଲେ, ଭଲ ଭାବେ ଚିନ୍ତା କରନ୍ତୁ ଏବଂ କିଛି ନୂଆ ଶବ୍ଦ ବ୍ୟବହାର କରନ୍ତୁ।

## ୧.୬ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

୧. ନ୍ୟୁଜ୍ ଲିଡ୍ ଓ ଭିନ୍ନଭିନ୍ନ ପ୍ରକାରର ଲିଡ୍ ଲେଖନ ଶୈଳୀ ବର୍ଣ୍ଣନା କର ?

୨. ଶୀର୍ଷକ ଲେଖିଲାବେଳେ କେଉଁ ସବୁ ନିୟମ ଅନୁସରଣ କରାଯାଏ ?

୩. ଖବର ଓ ପ୍ରବନ୍ଧ (ନ୍ୟୁଜ୍ ଆର୍ଟିକଲ୍) ର ଇନ୍‌ଟ୍ରୋ ଲେଖିବାବେଳେ କେଉଁସବୁ ସୂଚନା ଅନୁସରଣ କରିବାକୁ ପଡ଼େ ?

# ଦ୍ୱିତୀୟ ଏକକ :
# ଖବର ଲିଖନର ଢାଂଚା : ଓଲଟା ପିରାମିଡ୍‌ ଖବର ଲିଖନ ଶୈଳୀ ; ଖବରର ସୂତ୍ର ଓ ସତ୍ୟତା ଯାଂଚ୍‌

## ବିଷୟ ଗଠନ :

୨.୧ ପଠନର ଉଦ୍ଦେଶ୍ୟ
୨.୨ ଉପକ୍ରମ
୨.୩ ଓଲଟା ପିରାମିଡ୍‌(ଇନ୍‌ଭର୍ଟେଡ୍‌ ପିରାମିଡ୍‌)ଶୈଳୀ
୨.୪ ସୂଚନାର ସୂତ୍ରଦାତାଙ୍କ ପରିଚୟ (ଏଟ୍ରିବ୍ୟୁସନ୍‌)
୨.୫ ସତ୍ୟତା ଅନୁସନ୍ଧାନ
୨.୬ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

## ୨.୧ ପଠନର ଉଦ୍ଦେଶ୍ୟ

ଖବରକୁ କିଭଳି ଢଙ୍ଗରେ ପ୍ରସ୍ତୁତ କରାଯିବ, ଖବରର ସୂତ୍ର ଓ ସଂପୂର୍ଣ୍ଣ ଖବରର ସଠିକତା ଯାଂଚ୍‌ ସଂପର୍କରେ ଅବଗତ ହେବା ଏହି ଅଧ୍ୟାୟର ମୁଖ୍ୟ ଉଦ୍ଦେଶ୍ୟ।

ଏହି ଅଧ୍ୟାୟ ସମାପ୍ତ ପରେ ବିଦ୍ୟାର୍ଥୀଙ୍କୁ ନିମ୍ନ ବିଷୟଗୁଡ଼ିକ ସଂପର୍କରେ ବିଶେଷ ଧାରଣା ମିଳିପାରିବ।

- ଓଲଟା ପିରାମିଡ୍‌ ଶୈଳୀ
- ଖବରକାଗଜର ସୂତ୍ର/ଉତ୍ସ
- ଖବରର ସତ୍ୟତା ଯାଂଚ୍‌

## ୨.୨ ଉପକ୍ରମ

ଖବରର ନିଜସ୍ୱ ଭାଷା ରହିଛି। ଖବରଟିଏ ସୂଚନାଧର୍ମୀ ହେବା ସହିତ ଏହାର ଭାଷା ଓ ଉପସ୍ଥାପନା ଶୈଳୀ ମଧ୍ୟ ସୁନ୍ଦର ହେବା ଉଚିତ। ଏଥିପାଇଁ ସଂପାଦକମାନେ ନିଜ ପାଠକଙ୍କ ଲାଗି ଖବର ପରିବେଷଣ ବେଳେ ଭିନ୍ନ ଭିନ୍ନ ଶୈଳୀର ବିସ୍ତୃତ ଉପଯୋଗ କରିଥାନ୍ତି। ଖବର ଲିଖନରେ ବ୍ୟବହୃତ କିଛି ଶୈଳୀ ଆଲୋଚ୍ୟ ଅଧ୍ୟାୟରେ ବର୍ଣ୍ଣନା କରାଯାଇଛି। ଏଥି ସହ ଖବରର ସୂତ୍ର ଓ ବିବରଣୀ ପୁଙ୍ଖାନୁପୁଙ୍ଖ ଯାଂଚ୍‌ କରିବାର କୌଶଳ ମଧ୍ୟ ଏହି ଅଧ୍ୟାୟରୁ ପାଠକମାନେ ଶିଖିପାରିବେ।

## ୨.୩ ଓଲଟା ପିରାମିଡ୍‌(ଇନ୍‌ଭର୍ଟେଡ୍‌ ପିରାମିଡ୍‌)ଶୈଳୀ

କୌଣସି ଖବର ଲେଖିବାବେଳେ ସାମ୍ବାଦିକମାନଙ୍କ ଦ୍ୱାରା ଓଲଟା ପିରାମିଡ୍‌ (ଇନ୍‌ଭର୍ଟେଡ୍‌ ପିରାମିଡ୍‌) ଶୈଳୀ ବ୍ୟବହୃତ ହୁଏ ଏବଂ ପେସାଦାର ଲେଖକ/ଲେଖିକାମାନେ ମଧ୍ୟ ଖବର ସଂଗ୍ରହରେ ଏହି ଶୈଳୀର ଉପଯୋଗ କରିଥାନ୍ତି । ଖବର ଲେଖିବା ପାଇଁ ଏହା ଏକ ସାଧାରଣ ଶୈଳୀ ଏବଂ ଅନ୍ୟ ପ୍ରକାରର ବିଷୟବସ୍ତୁ ଯଥା ବ୍ଲଗ୍‌ କିଂବା ସଂପାଦକୀୟ ପୃଷ୍ଠା ପାଇଁ ସ୍ତମ୍ଭ ଲେଖାରେ ମଧ୍ୟ ଏହି ଶୈଳୀକୁ ପ୍ରୟୋଗ କରାଯାଏ । ସମସ୍ତ ପ୍ରକାରର ଗଣମାଧ୍ୟମ ପାଇଁ ଖବର ପ୍ରସ୍ତୁତିରେ ଏହା ଏକ ସାଧାରଣ ଓ ଲୋକପ୍ରିୟ ଶୈଳୀ ଭାବେ ଗ୍ରହଣୀୟ । ଖବରର ପ୍ରଥମ ଧାଡ଼ିରୁ ପାଠକଙ୍କୁ ଏକ ମୌଳିକ ଧାରଣା ଯୋଗାଇଦେବା ଏଭଳି ଶୈଳୀ ପ୍ରୟୋଗର ମୁଖ୍ୟ ଆଭିମୁଖ୍ୟ । ସାମ୍ବାଦିକତା ଓ ଗଣଯୋଗାଯୋଗ ବିଦ୍ୟାର୍ଥୀମାନଙ୍କୁ ମଧ୍ୟ ଏହି ଶୈଳୀରେ ଖବର ସଂଗ୍ରହ ଓ ଲେଖନ ଲାଗି ଶିକ୍ଷାଦାନ କରାଯାଏ ଏବଂ ପ୍ରତ୍ୟେକ ଗଣମାଧ୍ୟମରେ ଏହାକୁ ବିଧିବଦ୍ଧ ଭାବେ ଉପଯୋଗ କରାଯାଏ ।

ଯଦି ଆମେ ଗୋଟିଏ ତ୍ରିଭୁଜର କୌଣସି ଏକ କୋଣକୁ ତଳ ମୁହାଁ କରି ରଖିବା, ତାହାକୁ ସାଧାରଣ ଭାବେ ଓଲଟା ପିରାମିଡ୍‌ କହିପାରିବା । ଏଭଳି ତ୍ରିଭୁଜ (ଓଲଟା ପିରାମିଡ୍‌)ର  ଶୀର୍ଷ ଭାଗଟି ସବୁଠାରୁ ଅଧିକ ଅଂଶ ଅଧିକାର କରେ, ଯାହା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଏବଂ ଏହି ଅଂଶରେ ପାଠକଙ୍କୁ ଜରୁରୀ ସୂଚନା ଦିଆଯାଏ । ସେହି ଭଳି ତଳକୁ ତଳ ରହିଥିବା ଭାଗଗୁଡ଼ିକରେ କମ୍‌ ଗୁରୁତ୍ୱ ରଖୁଥିବା ସୂଚନାଗୁଡ଼ିକୁ କ୍ରମାନ୍ୱୟରେ ଶେଷ ପର୍ଯ୍ୟନ୍ତ ସଜାଇ ଲେଖାଯାଏ ; ଅର୍ଥାତ୍‌ ଯାହାର ଗୁରୁତ୍ୱ ଯେତେ କମ୍‌ ସେହି ସୂଚନାଗୁଡ଼ିକୁ ସେତିକି ତଳକୁ ଲେଖାଯିବା ଉଚିତ ।

ଓଲଟ ପିରାମିଡ୍‌ ବା ଇନ୍‌ଭର୍ଟେଡ୍‌ ପିରାମିଡ୍‌ ଶୈଳୀରେ ଖବର ପ୍ରସ୍ତୁତି ଦୁଇଟି କାରଣରୁ ଲାଭଦାୟକ । ପ୍ରଥମତଃ, ଜଣେ ପାଠକ ଯେକୌଣସି ସମୟରେ ପଢ଼ିବା ଛାଡ଼ିଦେଲେ ମଧ୍ୟ, ବିସ୍ତୃତ ଭାବେ ନହେଲ ବି ସେହି ଖବରକୁ ସେ ବୁଝିପାରିବେ କିମ୍ବା ଖବରର ସାରାଂଶ ଜାଣିପାରିବେ ।

ସେହିପରି ଏହି ଶୈଳୀରେ କମ୍‌ ଗୁରୁତ୍ୱପୂର୍ଣ୍ଣ ସୂଚନାଗୁଡ଼ିକୁ ତଳକୁ ତଳ ଲେଖାଯାଇଥାଏ, ଯାହା ପାଠକଙ୍କ ଲାଗି କମ୍‌ ଗୁରୁତ୍ୱପୂର୍ଣ୍ଣ ବୋଲି ବିଚାର କରାଯାଏ । ଏହାଦ୍ୱାରା ସଂପାଦନା ବେଳେ ଖବରକୁ ସ୍ଥାନ ଅନୁସାରେ ସଜାଇବା ଲାଗି ତଳ ଆଡୁ କାଟିଦେବା ସହଜ ହୁଏ । ଖବରକାଗଜ ସଂପାଦନା ଭାଷାରେ ଏହାକୁ "କଟିଂ ଫ୍ରମ ଦି ବଟମ୍‌" ବା "ଖବରର ନିମ୍ନ ଭାଗ ଛେଦନ" କୁହାଯାଏ ।

## ୨.୪ ସୂଚନାର ସୂତ୍ରଦାତାଙ୍କ ପରିଚୟ (ଏଟ୍ରିବ୍ୟୁସନ୍‌)

ଜଣେ ସାମ୍ବାଦିକ ବିଭିନ୍ନ ସୂତ୍ର/ଉତ୍ସରୁ ଖବର ସଂଗ୍ରହ କରିଥାନ୍ତି । ଯେଉଁସବୁ ସୂତ୍ରରୁ ସୂଚନା ମିଳିଥାଏ, ଖବର ପ୍ରସ୍ତୁତି ସମୟରେ ସେଗୁଡ଼ିକର ନାମ ବା ସୂଚନାଦାତାଙ୍କ ପରିଚୟ ନିଶ୍ଚିତ କରାଇବା ଆବଶ୍ୟକ । ଏହାକୁ 'ଏଟ୍ରିବ୍ୟୁସନ୍‌' କୁହାଯାଏ । ସମସ୍ତଙ୍କୁ ଜଣାଥିବା କିଂବା ସମସ୍ତଙ୍କ ଜ୍ଞାତସାରରେ ଥିବା ସୂଚନାର ଉତ୍ସ ଉଲ୍ଲେଖ କରାଯାଇ ନପାରେ, ମାତ୍ର ଅନ୍ୟ ସମସ୍ତ ପ୍ରକାରର ଖବର ପ୍ରସ୍ତୁତିରେ ଏହା  ସୂଚୀତ କରିବା ଜରୁରୀ । ଏଟ୍ରିବ୍ୟୁସନ୍‌ର ଅର୍ଥ ହେଉଛି, ଖବର ସଂଗ୍ରହ ପାଇଁ ଆପଣ ସାକ୍ଷାତ୍‌ କରିଥିବା ବ୍ୟକ୍ତିଙ୍କ ନାମ, ସଂଜ୍ଞା ଆଦି ବାବଦରେ ନିଜ ପାଠକ

କିଂବା ଶ୍ରୋତାଙ୍କୁ ନିଶ୍ଚିତ କରାଇବା କିଂବା ଖବର ପ୍ରସ୍ତୁତିରେ ସହାୟକ ନଥିପତ୍ର/ପ୍ରମାଣପତ୍ରଗୁଡ଼ିକର ସୂଚନାଦାତାଙ୍କ ନାମ ଉଲ୍ଲେଖ କରିବା। ଉଦାହରଣ ସ୍ୱରୂପ 'ସେ କହନ୍ତି', 'ତାଙ୍କ କହିବା ଅନୁସାରେ', 'ପୁଲିସ୍ ସୂତ୍ରରୁ ପ୍ରକାଶ' ଇତ୍ୟାଦି।

'ଏଟ୍ରିବ୍ୟୁସନ୍' ବା ସୂଚନାର ସୂତ୍ର ତିନିଟି ସ୍ତରରେ ବିଭକ୍ତ। ସୂଚନା ପ୍ରଦାନକାରୀ ନିଜ ପରିଚୟକୁ ସର୍ବସାଧାରଣରେ ପରିପ୍ରକାଶ ପାଇଁ ରାଜି ଅଛନ୍ତି କିମ୍ବା କୁଣ୍ଠିତ, କିମ୍ବା ନିଜ ମତକୁ ଗୋପନ ରଖିବାକୁ ଚାହାନ୍ତି, ତାହା ଉପରେ ସୂଚନାର ସ୍ତର ନିର୍ଦ୍ଧାରିତ ହୁଏ।

- ଅନ୍ ଦ ରେକର୍ଡ୍ : (ପ୍ରକାଶ୍ୟ) ସୂଚନା ପ୍ରଦାନକାରୀଙ୍କ ମତାମତ ଓ ତାଙ୍କ ପରିଚୟ / ଠିକଣା ଆଦି ବ୍ୟବହାର କରାଯାଇପାରିବ।
- ନନ୍-ଆଟ୍ରିବ୍ୟୁଟେବଲ୍: ସୂଚନା ପ୍ରଦାନକାରୀଙ୍କ ମତାମତ ବ୍ୟବହାର କରିହେବ, କିନ୍ତୁ ତାଙ୍କ ନାଁ / ଠିକଣା ନୁହେଁ।
- ଅଫ ଦ ରେକର୍ଡ୍ : (ଗୋପନୀୟ) ସୂଚନା ପ୍ରଦାନକାରୀଙ୍କ ମତାମତ କିଂବା ତାଙ୍କ ପରିଚୟ/ଠିକଣା ବ୍ୟବହାର କରାଯାଇପାରିବ ନାହିଁ।

## ଅନ୍ ଦ ରେକର୍ଡ୍ :

ଆପଣଙ୍କୁ ଦିଆଯାଇଥିବା ଅଧିକାଂଶ ସୂଚନା ରେକର୍ଡ୍‌ଭୁକ୍ତ ବା ଲିପିବଦ୍ଧ ହୋଇରହିବ। ଲୋକେମାନେ କୌଣସି ଘଟଣାର ବିସ୍ତୃତ ବିବରଣୀ ଖୋଲାଖୋଲି କହିବେ ଓ ସେମାନଙ୍କ ନାମ ଓ ପଦବୀ ମଧ୍ୟ ଖବର ସହିତ ଯୋଡ଼ିବା ଲାଗି ଅନୁମତି ଦେବେ। ଯେମିତିକି ରାଜନୈତିକ ନେତାଙ୍କ ଭାଷଣ, ଗୋଟିଏ ଦୁର୍ଘଟଣା ସଂପର୍କରେ ପ୍ରତ୍ୟକ୍ଷଦର୍ଶୀଙ୍କ ବର୍ଣ୍ଣନା, ଗିରଫ ଅଭିଯୁକ୍ତଙ୍କ ସଂପର୍କରେ ପୁଲିସ୍ ଅଫିସର୍‌ଙ୍କ ବୟାନ୍, ନିଜ କଂପାନିରୁ ଉତ୍ପାଦିତ ସାମଗ୍ରୀର ଦର ବୃଦ୍ଧିକୁ ଏହାର ଅଧ୍ୟକ୍ଷ ନିଜ ସପକ୍ଷରେ ଯୁକ୍ତି ବାଢ଼ିବା ଭଳି ଖବର ଇତ୍ୟାଦି। ଏଭଳି ଖବର ପ୍ରସ୍ତୁତିରେ ସାଧାରଣତଃ ସୂଚନା ପ୍ରଦାନକାରୀଙ୍କ ମତାମତ ଓ ସେମାନଙ୍କ ନାମ/ପଦବୀ ଆଦି ଉଲ୍ଲେଖ କରାଯାଏ। ଯଦିଓ କିଛି ବ୍ୟକ୍ତି ଆପଣ ପ୍ରସ୍ତୁତ କରୁଥିବା କାହାଣୀକୁ ନେଇ ଅସନ୍ତୁଷ୍ଟ ଥାଆନ୍ତି, (କାରଣ ଏହି ଖବର ହୁଏତ ସେମାନଙ୍କ ଭାବମୂର୍ତ୍ତିକୁ ମଳିନ କରିପାରେ) ତଥାପି ସେମାନଙ୍କ ଧାରଣା ଥାଏ ଯେ ଖବରର ନିରପେକ୍ଷତା ଓ ସତ୍ୟତାକୁ ଅନେକ ଲୋକ ଠିକ୍ ଭାବେ ବୁଝିବେ।

ସାମ୍ବାଦିକମାନେ ସବୁବେଳେ ଗୋଟିଏ ଘଟଣାର ଲିଖିତ ବିବରଣୀ ବା ଲିପିବଦ୍ଧ ସୂଚନା ସଂଗ୍ରହ କରିବା ଉଚିତ। ଏହା ଦ୍ୱାରା ଲୋକଙ୍କ ଅବିକଳ କଥା/ପ୍ରତ୍ୟକ୍ଷ ବିବୃତିକୁ ଠିକ୍ ଭାବେ ଖବର ପ୍ରସ୍ତୁତିରେ ବ୍ୟବହାର କରିହେବ। ରେଡିଓ କିଂବା ଟେଲିଭିଜନ୍‌ରେ ଖବର ପ୍ରସାରଣ ପାଇଁ ସେମାନଙ୍କ ସ୍ୱରକୁ ରେକର୍ଡ କରି ବ୍ୟବହାର କରାଯାଇପାରିବ। ଏହା ଦ୍ୱାରା କାହାଣୀ ଅଧିକ ଜୀବନ୍ତ ହୋଇଥାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଯେଉଁମାନଙ୍କ କଥା/ବିବୃତି ପ୍ରକାଶ ପାଏ ବା ପ୍ରସାରିତ ହୁଏ, ପାଠକ/ପାଠିକା ତାହା ପଢ଼ନ୍ତି କିଂବା ଶୁଣନ୍ତି ଏବଂ ଅତି ସମ୍ବେଦନଶୀଳ ଭାବେ ବିଚାର କରନ୍ତି। ଉଦାହରଣ ସ୍ୱରୂପ; ମୃତ୍ୟୁଦଣ୍ଡ ସପକ୍ଷରେ ଯଦି ଜଣେ ଆଇନ ମନ୍ତ୍ରୀ

ନିଜର ଯୁକ୍ତି ବାଢ଼ନ୍ତି, ଏବଂ ସମାନ ପ୍ରସଙ୍ଗ ଉପରେ ଜଣେ ଝାଡୁଦାର ତାଙ୍କ ମତ ରଖନ୍ତି, ତେବେ ସାଧାରଣ ପାଠକ ଆଇନ ମନ୍ତ୍ରୀଙ୍କ କଥାକୁ ଅଧିକ ଗୁରୁତର ସହ ବିଚାର କରିଥାନ୍ତି। ଲିପିବଦ୍ଧ ଟିପ୍ପଣୀରୁ ପାଠକମାନେ ଅଧିକ କିଛି ବୁଝିପାରନ୍ତି କାରଣ ସେମାନେ ଜାଣନ୍ତି ଯେ କିଏ କହିଲେ ଏବଂ ତାଙ୍କ ଦ୍ୱାରା ପ୍ରକୃତରେ କ'ଣ କୁହାଗଲା।

## ନନ୍‌-ଆଟ୍ରିବ୍ୟୁଟେବଲ୍ :

ବେଳେବେଳେ ଖବରର ସୂତ୍ର/ଉତ୍ସ, ସାମ୍ବାଦିକଙ୍କ ସହିତ ବୁଝାମଣା ଭିତିରେ ସୂଚନା ଦିଅନ୍ତି। ସେମାନଙ୍କ ପରିଚୟ/ପଦବୀ ବ୍ୟବହାର ନ କରି କେବଳ ସୂଚନା ପ୍ରକାଶ ପାଇଁ ରାଜି ହୁଅନ୍ତି। ଖବରର ସୂତ୍ର ଏପରି କରିବା ପଛରେ ଏକାଧିକ କାରଣ ଥାଇପାରେ। ହୁଏତ ସେଭଳି ସୂଚନା ଦେବା ଲାଗି ସେମାନଙ୍କୁ ଅନୁମତି ମିଳି ନ ଥାଏ, କିନ୍ତୁ ତାହା ସର୍ବସାଧାରଣରେ ପ୍ରକାଶ ହୋଇପାରିବ ବୋଲି ସେମାନେ ଭାବନ୍ତି। ଏଥିପାଇଁ ନାମ ଗୋପନ ରଖି ସେମାନେ ସୂଚନା ଦେଇଥାନ୍ତି।

ବେଳେବେଳେ ରାଜନୈତିକ ନେତାମାନେ ନିଜର ନାମ ଗୋପନ ରଖି କୌଣସି ଯୋଜନା କିଂବା ଭବିଷ୍ୟତ୍‌ର ପରିକଳ୍ପନା ସଂପର୍କରେ ବିବୃତି ଦିଅନ୍ତି। ଏହାର ମୁଖ୍ୟ ଉଦ୍ଦେଶ୍ୟ ଥାଏ ବିପଦଶୂନ୍ୟ ଭାବେ ଯୋଜନା/କାର୍ଯ୍ୟ ସଂପର୍କରେ ଲୋକଙ୍କ ମତ କିଂବା ପ୍ରତିକ୍ରିୟା ଜାଣିବା। ଲୋକଙ୍କ ଠାରୁ ସେଭଳି ଯୋଜନାକୁ ଯଦି ସମର୍ଥନ ମିଳିଯାଏ, ସଂପୃକ୍ତ ନେତା ଲିପିବଦ୍ଧ ବିବରଣୀ ବା ଯୋଜନାର ସବିଶେଷ ସୂଚନା ଖବର ଭାବେ ପ୍ରକାଶ କରନ୍ତି ଏବଂ ସର୍ବସାଧାରଣରେ ପ୍ରଶଂସିତ ହୁଅନ୍ତି। ଯଦି ଲୋକେ ନାପସନ୍ଦ କରନ୍ତି, ତେବେ ସେହି ଯୋଜନାକୁ ସେମାନେ ପରିତ୍ୟାଗ କରିଥାନ୍ତି। ଏହା ଦ୍ୱାରା ତାଙ୍କ ଭାବମୂର୍ତ୍ତି ମଳିନ ପଡ଼େ ନାହିଁ, କାରଣ ବିବୃତିରେ ତାଙ୍କ ନାମ କେଉଁଠି ମଧ୍ୟ ଉଲ୍ଲେଖ ନ ଥାଏ। ଏଭଳି ଖବର ସଂଗ୍ରହବେଳେ ସାମ୍ବାଦିକମାନେ ସତର୍କ ରହିବା ଜରୁରୀ। କାରଣ ଖବର ସଂଗ୍ରହର ଏଭଳି ଶୈଳୀ ସାମ୍ବାଦିକତା ବୃତ୍ତି ପାଇଁ ସେତେବେଳେ ବିପଦ ଆଣିପାରେ ; ଯେତେବେଳେ ଅଣଜନପ୍ରିୟ ଯୋଜନାକୁ ପରିତ୍ୟାଗ ପାଇଁ ନେତାଜଣକ ନିଷ୍ପତି ନେଇଥାନ୍ତି। ଏହା ଦ୍ୱାରା ଲେଖାର ମୂଲ୍ୟ ରହେ ନାହିଁ ଏବଂ ସାମ୍ବାଦିକ ଜଣକ ବୋକା ବନିଯାନ୍ତି।

ସମାନ କାରଣ ପାଇଁ ନେତାମାନେ କେବେ କେବେ ଯୋଜନାର ଗୁପ୍ତ ନଥିପତ୍ର ଗଣମାଧ୍ୟମରେ ପ୍ରକାଶ କରିଥାନ୍ତି। କୌଣସି ପ୍ରସଙ୍ଗ ବାବଦରେ ବେସରକାରୀ ଭାବେ ଜନମତ ଜାଣିବା ଏହାର ଅନ୍ତର୍ନିହିତ ଉଦ୍ଦେଶ୍ୟ ଥାଏ। ଏ ଭଳି କ୍ଷେତ୍ରରେ ସୂତ୍ରଙ୍କ ନାମ ବ୍ୟବହାର ନ କରି ଖବର ପ୍ରକାଶ ପାଇଁ ସାମ୍ବାଦିକ ଚାହୁଁଥିଲେ, ଏହାର ବିକଳ୍ପ ଭାବେ କେତେକ ଖଣ୍ଡବାକ୍ୟ ଯଥା ; 'ମୁଖପାତ୍ରଙ୍କ ଠାରୁ ପ୍ରକାଶ', 'ବିଶ୍ୱସ୍ତ ସୂତ୍ରରୁ ପ୍ରକାଶ', "ଉଚ୍ଚପଦସ୍ଥ ଅଧିକାରୀଙ୍କ ମହଲରେ ଆଲୋଚନା ହେଉଛି" ଆଦି ବ୍ୟବହାର କରିପାରିବେ। ଯଦି ସାମ୍ବାଦିକ ନିଜ ଖବରର ସୂତ୍ରଙ୍କ ନାମ ପ୍ରକାଶ ପାଇଁ ତାଙ୍କୁ ମନାଇବାରେ ବିଫଳ ହୁଅନ୍ତି, ତେବେ ସେକ୍ଷେତ୍ରରେ ଏଭଳି ଖଣ୍ଡବାକ୍ୟର ବ୍ୟବହାର ହେବା ଉଚିତ। ଯଦି ଆପଣଙ୍କ ସୂତ୍ର ତାଙ୍କ ପରିଚୟ ପ୍ରକାଶ ପାଇଁ ଅନାଗ୍ରହୀ ଥାଆନ୍ତି, ତା'ହେଲେ କେବଳ କିଛି ସମ୍ବେଦନଶୀଳ ସୂଚନା ବ୍ୟତୀତ ଅନ୍ୟ କିଛି ସୂଚନାରେ ତାଙ୍କ ନାମ ଉଲ୍ଲେଖ କରାଯାଇପରିବ କି ନା, ତାହା ତାଙ୍କୁ ପଚାରନ୍ତୁ। ପୂରା ଖବର ନ ହେଲେ ମଧ୍ୟ କିଛି ଅଂଶରେ ତାଙ୍କ ନାମ ଉଲ୍ଲେଖ ପାଇଁ ସେମାନେ ହୁଏତ ରାଜି ହୋଇପାରନ୍ତି।

ଉଦାହରଣ : ଜଣେ ପୁଲିସ୍ କମିସନର୍ ମାଦକ ଦ୍ରବ୍ୟ ଚାଷ କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ତାଙ୍କର ଆଗାମୀ ଅଭିଯାନ ନେଇ ସୂଚନା ଦେଇପାରନ୍ତି; କିନ୍ତୁ ସବିଶେଷ ତଥ୍ୟ ଦେବାକୁ ସେ ଇଚ୍ଛା ପ୍ରକାଶ କରିବେ ନାହିଁ, କାରଣ ଏହା ଦ୍ୱାରା ଗୃହମନ୍ତ୍ରୀ ଅପମାନିତ ହେବାର ଭୟ ଥାଏ। ଏଭଳି କ୍ଷେତ୍ରରେ ଖବରକୁ କିଭଳି ଲେଖିବେ।

- ପୂର୍ବ ଦ୍ୱୀପ ପୁଲିସ୍ ପକ୍ଷରୁ ଗଞ୍ଜେଇ ଚାଷୀଙ୍କ ବିରୁଦ୍ଧରେ ଆକ୍ରମଣାତ୍ମକ/ଦମନମୂଳକ ଅଭିଯାନ ଖୁବ୍ ଶୀଘ୍ର ଆରମ୍ଭ ହେବାକୁ ଯାଉଛି। ପ୍ରଥମ ଥର ପାଇଁ ଦ୍ୱୀପରେ ଏଭଳି ବଡ଼ ଧରଣର ଚଢ଼ାଉ ହେଉଥିବା ବିଭାଗୀୟ ପୁଲିସ ସୂତ୍ରରୁ ପ୍ରକାଶ। ଏ ସଂପର୍କରେ ପୁଲିସ୍ କମିସନର କହିଛନ୍ତି ଯେ ନିଶା କାରବାର ଦେଶର ସ୍ଥିରତା ଓ ଯୁବ ସମାଜ ପ୍ରତି ଅତ୍ୟନ୍ତ ବିପଦଜନକ।

ଯଦି ନିହାତି ଆବଶ୍ୟକ ନଥାଏ ସୂତ୍ରବିହୀନ ଖବର ପ୍ରକାଶ ପାଇଁ ସାମ୍ବାଦିକ ଆଦୌ ରାଜି ହେବା ଉଚିତ୍ ନୁହେଁ। ଜଣେ ସାମ୍ବାଦିକ ଭାବେ ଆପଣଙ୍କ ପ୍ରଥମ କାମ ହେଉଛି ଖବରର ସତ୍ୟତା ପରଖିବା। ଏଥିପାଇଁ ଯଥେଷ୍ଟ ସତର୍କତା ଜରୁରୀ। ଏହା ମନେ ରଖିବା ଉଚିତ ଯେ ସୂତ୍ର ସହିତ ଉପସ୍ଥାପିତ ଖବର ଯେଭଳି ପାଠକ/ପାଠିକାଙ୍କୁ ସଠିକ୍ ଲାଗିବ, ବିନା ସୂତ୍ରରେ ପ୍ରକାଶିତ ଖବରକୁ ସେମାନେ ସେଭଳି ଭାବେ ଗ୍ରହଣ କରିବେ ନାହିଁ।

## ଅଫ ଦ ରେକର୍ଡ୍ ବା ଗୋପନୀୟ :

ଖବରର ସୂତ୍ର ସହିତ ବୁଝାମଣା ଭିତିରେ ସାମ୍ବାଦିକଙ୍କୁ ବେଳେବେଳେ କିଛି ଗୁପ୍ତ ଖବର ମିଳିଥାଏ, ଯାହାକୁ 'ଅଫ୍ ଦ ରେକର୍ଡ୍' କୁହାଯାଏ। ଏହାର ଅର୍ଥ ସୂତ୍ରଙ୍କ ଠାରୁ ହସ୍ତଗତ ଖବର ବିଷୟରେ କିଛି ଲେଖିବା ଅନୁଚିତ; ଏପରିକି ସୂତ୍ରଙ୍କ ନାମ ମଧ୍ୟ ନୁହେଁ। ଲୋକମାନେ ସାଧାରଣତଃ ଏଭଳି ଗୁପ୍ତ ଖବର ଦେବାର କାରଣ ହେଲା, ଘଟଣାର ପୃଷ୍ଠଭୂମି ଅତ୍ୟନ୍ତ ସ୍ପର୍ଶକାତର ଥାଏ ଯାହା ସର୍ବସାଧାରଣରେ ପ୍ରକାଶ ପାଇବା ଉଚିତ ବୋଲି ସେମାନେ ଭାବନ୍ତି ଏବଂ ସେହି ଘଟଣା ବାବଦରେ ଆପଣଙ୍କର ହୃଦ୍‌ବୋଧ ହେବା ମଧ୍ୟ ଆବଶ୍ୟକ। ମନେ କରାଯାଉ, ଗୋଟିଏ ଅପରାଧୀ ଦଳର ଗୁପ୍ତ ଆଡ୍ଡା ଉପରେ ପୁଲିସ୍ ଚଢ଼ାଉ ପାଇଁ ଯୋଜନା କରୁଥିବାର ଆପଣ ଆଭାଷ ପାଇଲେ। ଅଧିକ ସୂଚନା ପାଇଁ ଆପଣ ପୁଲିସ୍ ମୁଖ୍ୟଙ୍କୁ ପଚାରିବେ। ଚଢ଼ାଉ ସଂପର୍କରେ ପୁଲିସ୍ ଆଗୁଆ ସୂଚନା ଦେବେ ନାହିଁ; ଏହା ଦ୍ୱାରା ଅପରାଧୀମାନେ ସତର୍କ ହୋଇଯିବେ କିଂବା ଖସିଯିବାର ଆଶଙ୍କା ଥାଏ। ଏପରିକି ସୂଚନା ସଂପର୍କରେ ସେ କୌଣସି ମତ ଦେବାକୁ ମଧ୍ୟ ଚାହିଁ ନ ପାରନ୍ତି (ନୋ କମେଂଟ୍) କାରଣ ଆପଣଙ୍କୁ ଅଧିକ ପ୍ରଶ୍ନ ପଚାରିବାର ସୁଯୋଗ ମିଳିଯିବ। ଏହି ପରିସ୍ଥିତିରେ ସେ ହୁଏତ ସର୍ତମୂଳକ ଗୁପ୍ତ ସୂଚନା (ଅଫ୍ ଦ ରେକର୍ଡ୍) ଦେବାକୁ ରାଜି ହୋଇପାରନ୍ତି, ଯେମିତି ଆପଣ ଜାଣିଥିବା ସାମାନ୍ୟ ସୂଚନା ଅନ୍ୟ କାହାରିକୁ ନଦିଅନ୍ତି। ଚଢ଼ାଉ ପୂର୍ବରୁ ଯଦି ଆପଣ ଘଟଣାକୁ ସଂପୂର୍ଣ୍ଣ ଗୁପ୍ତ ରଖିବେ ଏବଂ ପ୍ରକାଶ ନ କରିବେ ବୋଲି ସଂପୃକ୍ତ ପୁଲିସ୍ ଅଧିକାରୀଙ୍କୁ ପ୍ରତିଶ୍ରୁତି ଦିଅନ୍ତି, ତା'ହେଲେ ସେ ଚଢ଼ାଉ ସମୟରେ ସେମାନଙ୍କ ସହିତ ଉପସ୍ଥିତ ରହିବା ଲାଗି ଆପଣଙ୍କୁ ଅନୁମତି ଦେବେ। ଏହା ଦ୍ୱାରା ଆପଣ ଚଢ଼ାଉ ସଂପର୍କରେ ଆଗୁଆ ଖବର ପ୍ରକାଶ କରି ଅନ୍ୟ ପ୍ରତିଦ୍ୱନ୍ଦ୍ୱୀ ଖବରକାଗଜକୁ ପଛରେ ପକାଇଦେବେ।

ସୂତ୍ରଙ୍କ ଠାରୁ ପ୍ରାପ୍ତ ସୂଚନା ଗୁପ୍ତ ରଖିବା କେବଳ ଅନୁରୋଧ ଦ୍ୱାରା ହିଁ ସମ୍ଭବ ହୁଏ। ଏଥିରେ ରାଜି କିଂବା ଅରାଜି ହେବା ଜଣେ ସାମ୍ବାଦିକଙ୍କ ଉପରେ ନିର୍ଭର କରେ। ଯେତେବେଳେ ସୂତ୍ର ତାଙ୍କ ସୂଚନାକୁ ଗୁପ୍ତ ରଖିବା ଲାଗି ସର୍ତ୍ତ ରଖନ୍ତି, ସେତେବେଳେ ସୂଚନାର ଗୁରୁତ୍ୱ ବାବଦରେ ଚିନ୍ତା କରିବା ଉଚିତ; ସେହି ସୂଚନା/ତଥ୍ୟ ଅନ୍ୟ କେଉଁଠାରୁ ମିଳିବ କି ନା, ତାହା ମଧ୍ୟ ଭାବିବା ଦରକାର। ଅନ୍ୟଠୁ ସେଭଳି ସୂଚନା ମିଳିବାର ସମ୍ଭାବନା ନ ଥିଲେ, ଆପଣ ସର୍ତ୍ତ ରଖି ସୂଚନା ହାସଲ କରିପାରନ୍ତି। ଯେକୌଣସି ଉପାୟରେ ସୂତ୍ରଙ୍କ ଠାରୁ ସୂଚନାର ଲିଖିତ ବିବରଣୀ ନଚେତ୍ ଅତି କମ୍‌ରେ ତାଙ୍କ ପରିଚୟ ଗୋପନ ରଖି ସେହି ସୂଚନା ପ୍ରକାଶ କରିବାକୁ ଚେଷ୍ଟା କରିବା ଉଚିତ। ଯଦି ଆପଣଙ୍କୁ ଜଣେ ବ୍ୟକ୍ତି ତାଙ୍କ ସାକ୍ଷାତ୍‌କାର ଦିଅନ୍ତି ଏବଂ ଶେଷରେ କହନ୍ତି ଯେ ସେ କହିଥିବା କଥାଗୁଡ଼ିକ ସଂପୂର୍ଣ୍ଣ ଗୁପ୍ତ, ତା' ହେଲେ ତାଙ୍କ ସହିତ ଏହି ଯୁକ୍ତି କରନ୍ତୁ ଯେ ସାକ୍ଷାତ୍‌କାର ପୂର୍ବରୁ ତାହା ଆପଣଙ୍କୁ କହିଦେବା ଉଚିତ ଥିଲା ଏବଂ ଏହା ଦ୍ୱାରା ଆପଣଙ୍କ ସମୟ ନଷ୍ଟ ହୋଇ ନ ଥାନ୍ତା। ସାକ୍ଷାତ୍‌କାର ଦେଇଥିବା ବ୍ୟକ୍ତି କ'ଣ ଗୁପ୍ତ ରଖିବାକୁ ଚାହୁଛନ୍ତି, ତାହା ଆପଣ ଜାଣିସାରିଥିବାରୁ ଏପରି କହିବାରେ କିଛି ସମସ୍ୟା ନାହିଁ।

**ସୂତ୍ରଙ୍କ ଛଦ୍ମନାମ ବ୍ୟବହାର :**

ବେଳେବେଳେ ସୂତ୍ରଙ୍କୁ ଛଦ୍ମନାମରେ ଚିହ୍ନଟ କରିବାକୁ ପଡ଼ିଥାଏ। ଏହା ଦ୍ୱାରା ତାଙ୍କ ପ୍ରକୃତ ପରିଚୟ ଗୋପନୀୟ ରହେ। ବିଶେଷକରି ଦୁର୍ବବ୍ୟହାର କିମ୍ବା ଅସଦାଚରଣର ଶିକାର ବ୍ୟକ୍ତିଙ୍କ ବିଷୟରେ ଲେଖିବାବେଳେ ତାଙ୍କ ପ୍ରକୃତ ପରିଚୟ ଗୋପନ ରଖାଯାଏ। ଫିଚର୍ କିଂବା ପ୍ରମାଣସିଦ୍ଧ ଆଲେଖ୍ୟ ପ୍ରସ୍ତୁତିରେ ଏଭଳି କୌଶଳ ଏକ ସାଧାରଣ କଥା। ଜଣେ ପୀଡ଼ିତ କିଂବା ପୀଡ଼ିତା ସାମ୍ବାଦିକଙ୍କ ଆଗରେ ନିଜ ନିର୍ଯାତନାର କାହାଣୀ ବଖାଣିବାକୁ ହୁଏତ ଦ୍ୱିଧା କରିବେ ନାହିଁ, କିନ୍ତୁ ଅନ୍ୟମାନଙ୍କୁ ସେ ବାବଦରେ କହିବାକୁ କିମ୍ବା ପରିଚୟ ଦେବାକୁ ସେମାନେ କୁଣ୍ଠିତ ହେବେ। ବିଶେଷ କରି ପୀଡ଼ିତ ଶିଶୁମାନଙ୍କ ପ୍ରକୃତ ପରିଚୟ ପ୍ରକାଶ ପାଇବା ଅନୁଚିତ। ବେଳେବେଳେ ଉଚିତ କାରଣ ପାଇଁ ମଦ୍ୟପ, ନିଶାଖୋର ଓ ନିର୍ଯାତିତାଙ୍କ ପରିଚୟକୁ ଗୋପନ ରଖି ଖବର ପ୍ରକାଶ କରାଯାଏ। ଏହା ଦ୍ୱାରା ସେମାନଙ୍କୁ ସାମାଜିକ ନିନ୍ଦା କିଂବା ଅପବାଦ ସହିବାକୁ ପଡ଼ି ନ ଥାଏ।

ଉଦାହରଣ : 'ଟନି' କିଂବା 'ଜନ୍'; ଏହି ନାମ ସହିତ ସାଙ୍ଗିଆ ଉଲ୍ଲେଖ ନାହିଁ। ଏମିତି ଲେଖି ଆପଣ ନିଜ ପାଠକ/ଦର୍ଶକଙ୍କୁ ଜଣାଇବାକୁ ଚାହାନ୍ତି ଯେ ପ୍ରକାଶିତ ନାମ, ସଂପୃକ୍ତ ବ୍ୟକ୍ତିଙ୍କର ପ୍ରକୃତ ନାମ ନୁହେଁ, ତାହା ଛଦ୍ମନାମ। କେବଳ ସେମାନଙ୍କ ସୁରକ୍ଷା ଲାଗି ଏଭଳି ନାମକୁ ବ୍ୟବହାର କରାଯାଇଛି। ଯଦି ତାଙ୍କ ଫଟୋଚିତ୍ର ଛାପୁଥାନ୍ତି, ସେମାନଙ୍କ ମୁଖମଣ୍ଡଳ ଅସ୍ପଷ୍ଟ ହେବା ଉଚିତ। ଏହା ଦ୍ୱାରା ସେମାନଙ୍କ ପରିଚୟ ଜାଣିବା ସମ୍ଭବ ହୁଏ ନାହିଁ। ରେଡିଓ କିଂବା ଟେଲିଭିଜନ୍‌ରେ ପ୍ରସାରିତ ଏମିତି କାହାଣୀରେ ପ୍ରକୃତ ବ୍ୟକ୍ତିଙ୍କ ସ୍ୱରକୁ ମଧ୍ୟ ବଦଳାଯାଇ ପାରୁଛି।

ନାମ କିଂବା ସ୍ୱର ବ୍ୟତୀତ ଯଦି ସଂପୃକ୍ତ ବ୍ୟକ୍ତିଙ୍କ ପରିଚୟ ଜଣାପଡ଼ିବାର ଆଶଙ୍କା ରହେ, ତାଙ୍କୁ କେନ୍ଦ୍ର କରି ଲେଖା ଯାଇଥିବା କିଛି ସୂଚନା କାଟି ଦେବା ଦରକାର। ନିଜ ବିଚାର, ବୁଦ୍ଧି ଖଟାଇ ଓ ଖବରକାଗଜ ସଂପାଦକଙ୍କ ଠାରୁ ଅନୁମତି ଭିତିରେ ଏଭଳି ନିଷ୍ପତି ନେଇ ହେବ। ଖବର ସଂଗ୍ରହ ବେଳେ ଯଦି ଖବରର ସୂତ୍ର

ନିଜର ପରିଚୟ ପ୍ରକାଶ ପାଇଁ ଅନିଚ୍ଛୁକ ଥାଆନ୍ତି, ଜଣେ ସାମ୍ବାଦିକ ଭାବେ ଆପଣ ହୁଏତ ତାଙ୍କ ନିକଟରୁ କୌଣସି ସୂଚନା/ତଥ୍ୟ ଗ୍ରହଣ କରି ନପାରନ୍ତି । କିନ୍ତୁ ପ୍ରକାଶ ପାଇବାକୁ ଥିବା ଖବରରେ ସୂତ୍ରଙ୍କ ନାମ ଗୋପନ ରଖିବାର ପ୍ରତିଶ୍ରୁତି ଦେଇଥିଲେ, ନିଶ୍ଚିତ ରକ୍ଷା କରନ୍ତୁ; ନଚେତ୍ ତାଙ୍କ ଠାରୁ ଆଉ ସୂଚନା ମିଳିବ ନାହିଁ । ଗୋପନୀୟତା ବିଷୟରେ ଏହା ଏକ ସଂକ୍ଷିପ୍ତ ପରିଚୟ, ଯାହା ସାମ୍ବାଦିକତା ନୀତି ଶାସ୍ତ୍ରର ଏକ ମୁଖ୍ୟ ଅଂଶ ।

ଗୋପନୀୟତା କ'ଣ ?

ବିଶ୍ୱାସ (confidence) ଓ ଗୋପନୀୟତା (confidentiality) : ଦୁଇଟି ଲାଟିନ୍ ଶବ୍ଦ । ଏହାର ଅର୍ଥ 'ଆସ୍ଥା', 'ବିଶ୍ୱାସ', କିଂବା 'ପ୍ରତ୍ୟୟ' ହୋଇପାରେ ଏବଂ ଉପରୋକ୍ତ ଦୁଇଟି ଶବ୍ଦ ଏହି ଅର୍ଥ ଉପରେ ଆଧାରିତ । ଯେତେବେଳେ ବିଶ୍ୱାସର ସହିତ ଆପଣଙ୍କୁ ଗୋଟିଏ ସୂଚନା ମିଳେ, ସୂଚନାର ସୂତ୍ର/ଉତ୍ସର ଗୋପନୀୟତା ରକ୍ଷା ପାଇଁ ପ୍ରତିଶ୍ରୁତି ଦେବାକୁ ଏହି ଦୁଇଟି ଶବ୍ଦ ଇଙ୍ଗିତ କରେ । ଏହାକୁ ସାମାନ୍ୟ ସରଳ ଭାଷାରେ ବୁଝାଇ କହିଲେ- ଗୁପ୍ତ ସୂଚନାଦାତା ଆପଣଙ୍କ ଉପରେ ବିଶ୍ୱାସ ରଖନ୍ତି ଯେ ତାଙ୍କ ପରିଚୟ ଗୋପନ ରହିବ । ସୂତ୍ରଙ୍କ ପରିଚୟ ଗୋପନ ରଖିବାର ପ୍ରତିଶ୍ରୁତି ଦେଇ ସୂଚନା ସଂଗ୍ରହ ହେଉଛି ଗୋପନୀୟତାର ଏକ ଦୃଷ୍ଟାନ୍ତ ।

ସାଧାରଣତଃ ଅନ୍ୟମାନଙ୍କ ନିକଟରେ ଧରାପଡ଼ିଯିବା ଆଶଙ୍କାରେ ସୂଚନାଦାତା ନିଜ ପରିଚୟ ଗୋପନ ରଖି ସୂଚନା ଦିଅନ୍ତି ।

ଗୋପନୀୟତାର କିଛି ସମ୍ଭାବ୍ୟ କାରଣ :

- ସୂଚନା ଦେବା ଅଭିଯୋଗରେ ଉପରିସ୍ଥ ଅଧିକାରୀଙ୍କ ଦ୍ୱାରା ଦଣ୍ଡିତ ହେବାର ଭୟ
- ସହକର୍ମୀ ଓ ଜଣାଶୁଣା ଲୋକଙ୍କ ଦ୍ୱାରା ନିନ୍ଦିତ, ଅପମାନିତ କିଂବା ଲଜ୍ଜିତ ହେବାର ଆଶଙ୍କା
- କ୍ଷମତାଶୀଳ ବ୍ୟକ୍ତି ସରକାରୀ ଭାବେ ତଥ୍ୟ ଯୋଗାଇପାରନ୍ତି, ଗୁପ୍ତ ସୂଚନା ପ୍ରଦାନ ସେମାନଙ୍କ ପାଇଁ ନିୟମ ବର୍ହିଭୂତ

'ସାମ୍ବାଦିକତାର ନୈତିକ ସଂହିତା'ର ମୂଳ ହେଉଛି ଖବରର ସୂତ୍ର/ଉତ୍ସଙ୍କ ଗୋପନୀୟତା ରକ୍ଷା । ଜଣେ ସାମ୍ବାଦିକଙ୍କୁ ସବୁବେଳେ ଲୋକଙ୍କ କଥୋପକଥନ/ସୂଚନା ଉପରେ ଭରଷା କରିବାକୁ ହୁଏ । ବେଳେବେଳେ ସେମାନେ ନିଜର ପରିଚୟ ଅନ୍ୟମାନଙ୍କୁ ଦେବାକୁ ଇଚ୍ଛା କରନ୍ତି ନାହିଁ । ଯଦିଓ ଖବର ସହିତ ସବୁବେଳେ ସୂତ୍ରଙ୍କ ନାମ ଓ ପରିଚୟ ପ୍ରକାଶ ପାଇବା କଥା, କିନ୍ତୁ ନିର୍ଦ୍ଦିଷ୍ଟ ଘଟଣାରେ ସେମାନଙ୍କ ନାମ ଗୋପନ ରଖି କେବଳ ସୂଚନା ଲେଖିବାକୁ ପଡ଼ିଥାଏ । ସୂଚନା ଦେଇଥିବା ବ୍ୟକ୍ତିଙ୍କ ନାମ ଉଲ୍ଲେଖ କଲେ, ତାହା ବିଶ୍ୱାସଘାତକତା ହେବ । ସେମାନେ ପୁଣି ଥରେ ଗୁପ୍ତ ସୂଚନା ଦେଇ ନ ପାରନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଥରେ ସୂତ୍ରଙ୍କ ମନରେ ଆପଣଙ୍କ ପ୍ରତି ଅବିଶ୍ୱାସ ଆସିଗଲେ, ସେମାନେ କେବେହେଲେ ଆଉ ଗୁପ୍ତ ସୂଚନା ଜଣାଇବେ ନାହିଁ । ଯଦି ଆପଣଙ୍କୁ ସେମାନେ ଅବିଶ୍ୱାସ କରନ୍ତି, ଅନ୍ୟ ସାମ୍ବାଦିକଙ୍କୁ ମଧ୍ୟ ସମାନ ଦୃଷ୍ଟିରେ ଦେଖିବେ । ଏହା ଦ୍ୱାରା ସାମ୍ବାଦିକତା ବୃତ୍ତିର ଭାବମୂର୍ତ୍ତି ନଷ୍ଟ କିମ୍ବା ଦୁର୍ବଳ ହୁଏ ।

ଏହା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଯେ ପରିଚୟ ଦେବାକୁ ଅନିଚ୍ଛୁକ ସୂତ୍ରଙ୍କ ବାବଦରେ ସାମାନ୍ୟ ଆଭାସ ମଧ୍ୟ ଛାଡ଼ିବା ଅନୁଚିତ ; ଅର୍ଥାତ୍ ଖବର ବର୍ଣ୍ଣନାବେଳେ କେଉଁ ସୂତ୍ରରୁ ଆପଣଙ୍କୁ ସୂଚନା ମିଳିଛି, ସେ ସଂପର୍କରେ ଅଧିକ ସତର୍କତା ରହିବାକୁ ପଡ଼ିବ। ଏପରିକି ସୂତ୍ରଙ୍କୁ ଚିହ୍ନଟ କରିବା ଭଳି ସୂଚନା ଯାହା ପ୍ରକାଶଯୋଗ୍ୟ, ସେଗୁଡ଼ିକୁ ମଧ୍ୟ ଛାଡ଼ି ଦିଆଯିବା ଦରକାର।

ମନେ କରାଯାଉ, ପ୍ରଧାନମନ୍ତ୍ରୀଙ୍କ ସଚିବ ଆପଣଙ୍କୁ ବିଶ୍ୱାସର ସହିତ କିଛି ଗୁପ୍ତ ସୂଚନା (ଅଫ ଦ ରେକର୍ଡ଼) ଦେଇଛନ୍ତି। ଯଦି ଆପଣ ସେହି ସୂଚନା ଆଧାରରେ ଖବରଟିଏ ପ୍ରସ୍ତୁତ କରନ୍ତି ଏବଂ ଆମୂଳଚୂଳ ବର୍ଣ୍ଣନା ସହିତ 'ପ୍ରଧାନମନ୍ତ୍ରୀଙ୍କ ବ୍ୟକ୍ତିଗତ ସହଯୋଗୀଙ୍କ ସୂତ୍ରରୁ ପ୍ରାପ୍ତ' ଉଲ୍ଲେଖ କରି ଖବରଟି ଲେଖନ୍ତି, ତେବେ ସୂତ୍ରଙ୍କର ପରିଚୟ ଜଣାପଡ଼ିଯିବାର ବିପଦ ରହେ; ଜଣେ କିଂବା ଦୁଇଜଣ ବ୍ୟକ୍ତିଗତ ସଚିବ ଥିଲେ, ନିଃସନ୍ଦେହରେ ଖବର ପ୍ରଘଟ ପାଇଁ ସେମାନଙ୍କୁ ହିଁ ଦାୟୀ କରାଯାଏ। ଏ ଭଳି କ୍ଷେତ୍ରରେ ଖବରରେ 'ପ୍ରଧାନମନ୍ତ୍ରୀଙ୍କ ବିଭାଗୀୟ ସୂତ୍ରରୁ ପ୍ରାପ୍ତ' କିଂବା 'ସରକାରୀ ସୂତ୍ରରୁ ପ୍ରକାଶ' ଉଲ୍ଲେଖ ନିରାପଦ। ସରକାରଙ୍କ ନିକଟତମ ସୂତ୍ରରୁ ଖବର ପ୍ରକାଶିତ ହୋଇଥିବାରୁ ତାହାର ଗୁରୁତ୍ୱ ପାଠକ/ଶ୍ରୋତାମାନେ ମଧ୍ୟ ବିଚାର କରିପାରିବେ। ଏଠାରେ ଆପଣ ମନେରଖିବା ଉଚିତ ଯେ ଆପଣଙ୍କ ସୂତ୍ର, ଗୁପ୍ତ ସୂଚନା କେନ୍ଦ୍ରର କେତେ ନିକଟତମ ଓ ତାଙ୍କ ପରିଚୟ ଗୋପନୀୟ ରହିବା କେତେ ଜରୁରୀ। କାରଣ ଆପଣଙ୍କୁ ଏହା ସହିତ ସମତୁଲ ରକ୍ଷା କରିବାକୁ ପଡ଼ିଥାଏ।

ଆପଣଙ୍କ ସୂଚନା କେତେ ବିଶ୍ୱାସଯୋଗ୍ୟ, ତାହା ଆକଳନ କରିବା ଲାଗି ବେଳେବେଳେ ସଂପାଦକ ଆପଣଙ୍କୁ ହୁଏତ ଗୁପ୍ତ ସୂତ୍ରର ପରିଚୟ ପଚାରି ବୁଝିପାରନ୍ତି। କାରଣ ଯାହା ପ୍ରକାଶ ପାଏ କିଂବା ଇଲେକ୍‌ଟ୍ରୋନିକ୍ ମିଡିଆରେ ପ୍ରସାରିତ ହୁଏ, ସେଥିପାଇଁ ସଂପାଦକ ହିଁ ଦାୟୀ ରହନ୍ତି ଏବଂ ପରିଶେଷରେ ସେମାନଙ୍କୁ ହିଁ ଅଦାଲତରେ ମକଦ୍ଦମା ଲଢ଼ିବାକୁ ପଡ଼ିଥାଏ କିଂବା ଜେଲ ଯିବାକୁ ହୁଏ। ଏଠାରେ ସାମ୍ବାଦିକମାନେ ମନେରଖିବା ଉଚିତ୍ ଯେ ନିଜ ସଂପାଦକଙ୍କୁ ସୂତ୍ରଙ୍କ ବିଷୟରେ ଜଣାଇବା ପୂର୍ବରୁ ସୂତ୍ରଙ୍କ ଠାରୁ ଅନୁମତି ନେବା ନିଶ୍ଚିତ ଆବଶ୍ୟକ। ଆପଣ ଥରେ ଏଭଳି କଲେ, ସଂପାଦକ ମଧ୍ୟ ଆପଣଙ୍କ ଭଳି ଗୋପନୀୟତାର ସୁରକ୍ଷା ଦିଗରେ ସତର୍କ ରହିବେ। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଆଇନ୍‌ଗତ କାରଣରୁ ଯଦି କେତେବେଳେ ଆପଣଙ୍କ ଖବରର ଗୋପନୀୟତା ପ୍ରକାଶ ପାଇଁ ଦାବି କରାଯାଏ, ସେତେବେଳେ ଏହାର ଗୋପନୀୟତା କଷ୍ଟସାଧ୍ୟ ହୋଇପଡ଼େ। ଅନେକ ଦେଶର କୋର୍ଟ୍, ଟ୍ରିବ୍ୟୁନାଲ୍, ପାର୍ଲାମେନ୍‌ଟାରୀ କମିଟି, ରୟାଲ୍ କମିଶନ୍ ଆଦି ଏଭଳି ସୂତ୍ରଙ୍କ ଗୋପନୀୟତା ପ୍ରକାଶ ପାଇଁ ଦାବି କରିପାରନ୍ତି। ଖବର ଯୋଗାଣକାରୀ ସୂତ୍ର ସରକାରଙ୍କ ବିଚାର କାର୍ଯ୍ୟରେ ସହଯୋଗ କରିବେ ବୋଲି ଯଦି ସେମାନଙ୍କର ଦୃଢ଼ବୋଧ ହୁଏ ତାହାଲେ ସେମାନେ ଏପ୍ରକାର ଦାବି କରିପାରନ୍ତି । ତାଙ୍କ ନିର୍ଦ୍ଦେଶ ପାଳନ ନହେଲେ, ଅଦାଲତ ଅବମାନନା ଅଭିଯୋଗରେ ଆପଣଙ୍କୁ ଉଭୟ ଜରିମାନା ଓ ଜେଲ ଦଣ୍ଡ ଭୋଗିବାକୁ ପଡ଼ିପାରେ। ଏଭଳି ଘଟଣାରେ କେତେ ଜଣ ସାମ୍ବାଦିକ ମଧ୍ୟ ଜେଲଦଣ୍ଡ ଭୋଗିଛନ୍ତି ଏବଂ ଅଦାଲତଙ୍କ ଦାବି ମୁତାବକ ସୂଚନାର ଗୋପନୀୟତା ପ୍ରକାଶ ପରେ ସେମାନଙ୍କୁ ମୁକ୍ତ କରାଯାଇଛି। ତେବେ ଏଥିରେ ଭୟଭୀତ ହେବାର କାରଣ ନାହିଁ। ଅଧିକାଂଶ ଘଟଣାରେ ଗୁପ୍ତ ସୂତ୍ର ନିଜେ କୋର୍ଟ ଆଗକୁ ଆସି ପରିଚୟ ଦିଅନ୍ତି ଏବଂ ସଂପୃକ୍ତ ସାମ୍ବାଦିକ ମୁକ୍ତ ହୁଅନ୍ତି।

ଅନେକ ଦେଶରେ ଏହା ଏକ ନ୍ୟାୟସଙ୍ଗତ ମତ ଯେ, ସାମ୍ବାଦିକଙ୍କ ଲାଗି ସ୍ୱତନ୍ତ୍ର ଆଇନଗତ ସୁରକ୍ଷା ବ୍ୟବସ୍ଥା ନାହିଁ। ଆଇନଜୀବୀ, ଧର୍ମଯାଜକ (ପୁରୋହିତ) ଓ ଡାକ୍ତର ନିଜନିଜ ମହକିଲ , ଯଜମାନ ଓ ରୋଗୀଙ୍କ ସହିତ କାରବାର କ୍ଷେତ୍ରରେ ଆଇନତଃ ସୁରକ୍ଷା ପାଇଥାନ୍ତି, ମାତ୍ର ସାମ୍ବାଦିକଙ୍କ କ୍ଷେତ୍ରରେ ସେମିତି ଘଟେ ନାହିଁ। ସାମ୍ବାଦିକଙ୍କ ଅବସ୍ଥା ସେତିକିବେଳେ ସାଂଘାତିକ ହୋଇପଡ଼େ, ଯେତେବେଳେ ଆଇନ ସହିତ ବିଶ୍ୱାସର ମତଭେଦ ଘଟେ, ଅର୍ଥାତ୍ ସେମାନଙ୍କ ଉପରେ ଆଇନ୍‌ର ବିଶ୍ୱାସ ତୁଟିଯାଏ। ଅନ୍ୟପକ୍ଷରେ, ଖବରର ସୂତ୍ରଙ୍କ ପରିଚୟ ନଦେଲେ, ଆଇନକୁ ପ୍ରତିରୋଧ କରିବା ଅଭିଯୋଗରେ ମଧ୍ୟ ସେମାନଙ୍କୁ ଦୋଷାରୋପ କରାଯାଏ। ଯଦି ସବୁଠାରୁ ଗୋପନୀୟ ତଥ୍ୟ (ଯଦିଓ ସେମାନେ ଅପରାଧୀ)ର ସୂତ୍ରଙ୍କ ନାମ/ପରିଚୟ ପ୍ରକାଶ କରନ୍ତି, ତାହାଲେ 'ସାମ୍ବାଦିକତାର ନୈତିକ ସଂହିତା' ପ୍ରତି ବିଶ୍ୱାସଘାତକତା ହେବ।

ସାମ୍ବାଦିକମାନେ ସବୁବେଳେ ଆଇନର ଶୃଙ୍ଖଳ ଭିତରେ ରହି କାର୍ଯ୍ୟ କରିବାକୁ ଭଲପାଆନ୍ତି। କିନ୍ତୁ ସାମ୍ବାଦିକତା ବୃତିରେ 'ଗୋପନୀୟତା'ଏମିତି ଏକ ପରିସ୍ଥିତି ସୃଷ୍ଟି କରେ, ଯେତେବେଳେ ବୃହତର ସ୍ୱାର୍ଥ ଦୃଷ୍ଟିରୁ ଆଇନ୍‌କୁ ଅବମାନନା କରିବାକୁ ପଡ଼ିଥାଏ। ଗୋପନୀୟ ସୂତ୍ରଙ୍କ ପ୍ରକୃତ ପରିଚୟ ଉନ୍ମୋଚନ ଦ୍ୱାରା ତାଙ୍କ ଠାରୁ ଘଟଣାର ପ୍ରମାଣ ମିଳିଯାଏ ଏବଂ ଦୋଷୀ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ସମସ୍ୟା ହୁଏ ନାହିଁ। କିନ୍ତୁ ଜଣେ ସାମ୍ବାଦିକ ଭାବେ ଗୋପନୀୟତାର ଶୃଙ୍ଖଳିତ ବ୍ୟବସ୍ଥାକୁ ଦୃଢ଼ ସମର୍ଥନ କରିବା ଉଚିତ ଯାହା ଭବିଷ୍ୟତ୍‌ରେ ଅନେକ ଘଟଣାର ପର୍ଦ୍ଦାଫାସ୍ କରିବାରେ ସହାୟକ ହୋଇଥାଏ। ଏହା ସତ ଯେ, ସାମ୍ବାଦିକମାନେ ଆଇନ ଦ୍ୱାରା ବନ୍ଧା ; କିନ୍ତୁ ସେମାନଙ୍କର ଦୃଢ଼ ବିଶ୍ୱାସ, ଏହି ବୃତ୍ତି ଅନ୍ୟାୟ, ଦୁରୁପଯୋଗ ଓ ଦୁର୍ନୀତିକୁ ଲୋକଲୋଚନକୁ ଆଣିବାର ଏକ ମାଧ୍ୟମ ଯାହା ସମାଜର ହିତ କରିଥାଏ। ମନ୍ଦ କାର୍ଯ୍ୟଗୁଡ଼ିକର ପ୍ରଘଟ ସହ ସମାଜର ସ୍ୱାର୍ଥ ସାଧନ ପାଇଁ ଏହା ଆଇନଗତ ବ୍ୟବସ୍ଥା ଯେ ଏକମାତ୍ର ରାସ୍ତା ତାହା ଆମେ ଭାବିବା ଉଚିତ୍ ନୁହେଁ । ଆଇନଗତ ବ୍ୟବସ୍ଥାରେ ବି ଅନେକ ଦୋଷ, ତ୍ରୁଟି, ଛିଦ୍ର ଥାଏ । ତେଣୁ ତ୍ରୁଟି ସୁଧାରିବା ଦିଗରେ ଅନ୍ୟ କିଛି ଉପାୟ ରହିବା ଆବଶ୍ୟକ ; ସାମ୍ବାଦିକତା ସେହି ସବୁ ରାସ୍ତା ମଧ୍ୟରୁ ଗୋଟିଏ। ଗୋପନୀୟତା ଯେ କେବଳ ସୂଚନାର ସୂତ୍ରଙ୍କୁ ସୁରକ୍ଷା ଦେବା ଲାଗି ଉଦ୍ଦିଷ୍ଟ, ତା ନୁହେଁ ; ଏହା ମଧ୍ୟ ଅଭିବ୍ୟକ୍ତିର ଅଧିକାର (ଫ୍ରିଡମ୍ ଅଫ୍ ସ୍ପିଚ୍)କୁ ରକ୍ଷା କରେ। ସୂତ୍ରଙ୍କୁ ତାଙ୍କ ପରିଚୟ ଗୋପନ ରଖିବାର ପ୍ରତିଶ୍ରୁତି ଦେବା ପରେ, ଜେଲ୍ ଯିବାକୁ ହେଉ ପଛେ, ସାମ୍ବାଦିକ କିନ୍ତୁ ନିଜ ପ୍ରତିଶ୍ରୁତିରେ ଅଟଳ ରହିବା ଉଚିତ। ସୂତ୍ରଙ୍କ ସହମତି ବିନା ପୁଲିସ୍, ନ୍ୟାୟଧୀଶ, ଆପଣଙ୍କ ଖବରକାଗଜର ସଂପାଦକ ଏପରିକି ନିଜ ମାଆଙ୍କୁ ମଧ୍ୟ ତାଙ୍କ ପ୍ରକୃତ ପରିଚୟ ଜଣାଇବା ଉଚିତ ନୁହେଁ।

ସୂତ୍ରଙ୍କ ପ୍ରକୃତ ନାଁ ଓ ଠିକଣାକୁ ଲୁଚାଇ ରଖିବା କାରଣରୁ ଯଦି ଜେଲ୍ ଯିବା ଭଳି ପରିସ୍ଥିତି ଉପୁଜେ ଏବଂ ଆପଣ ସେଥିରେ ଅମଙ୍ଗ ଥାଆନ୍ତି ତେବେ ପ୍ରଥମରୁ ନିଜ ସୂତ୍ରଙ୍କୁ ପ୍ରତିଶ୍ରୁତି ଦିଅନ୍ତୁ ନାହିଁ। ତାଙ୍କ ସହିତ କଥା ହେବା ପୂର୍ବରୁ ଜଣାଇଦିଅନ୍ତୁ, କୋର୍ଟ୍ ନିର୍ଦ୍ଦେଶ ଦେଲେ ସେ ତାଙ୍କ ପରିଚୟ ପ୍ରଦାନ କରିଦେବେ। ଏ କ୍ଷେତ୍ରରେ ସେ ହୁଏତ ଆପଣଙ୍କୁ ଅଧିକ ସୂଚନା ଦେଇନପାରନ୍ତି।

## ଗଣମାଧ୍ୟମ ଠାରୁ ଫଟୋଚିତ୍ର ପାଇଁ ପୁଲିସ୍‌ର ଅନୁରୋଧ :

ଶେଷରେ ଏହା ମଧ୍ୟ ଉଲ୍ଲେଖଯୋଗ୍ୟ ଯେ ବେଳେବେଳେ ଲୋକମାନେ ନିଜ ପରିଚୟ ଗୋପନୀୟତା ରକ୍ଷା ପାଇଁ ଆପଣଙ୍କୁ ଅନୁରୋଧ କରିନଥିଲେ ସୁଦ୍ଧା ସେମାନଙ୍କୁ ସୁରକ୍ଷା ଦେବା ଲାଗି ନିୟମକୁ ଅବମାନନା କରିବାକୁ ପଡ଼ିପାରେ। କୌଣସି ଏକ ଘଟଣାର 'ଫଟୋଗ୍ରାଫ୍ କିଂବା ଭିଡିଓ ଫୁଟେଜ୍ ଆପଣଙ୍କ ପାଖରେ ଥିଲେ, ପୁଲିସ୍ ତାହା ମାଗିପାରେ। ପୁଲିସ୍ ପାଇଁ ଏହା ଏକ ପ୍ରମାଣ ଏବଂ ଅଭିଯୁକ୍ତଙ୍କ ବିରୋଧରେ ଆଇଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ସହାୟକ ହୁଏ। ଉଦାହରଣ ସ୍ୱରୂପ; କୌଣସି ଏକ ପ୍ରତିବାଦ ବୈଠକ କିଂବା ଧର୍ମଘଟର ଫଟୋଚିତ୍ର ଆପଣ ଉତ୍ତୋଳନ କରିଛନ୍ତି। ପୁଲିସ୍ ଆପଣଙ୍କ ଠାରୁ ସେହି ଫଟୋଚିତ୍ର ନେବା ପାଇଁ  ଚାହିଁବେ। କାରଣ ଧର୍ମଘଟରେ ସାମିଲ କିଛି ବ୍ୟକ୍ତିଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ପୁଲିସ ପ୍ରମାଣ ଖୋଜେ ଏବଂ ଫଟୋଚିତ୍ରରୁ ସେମାନଙ୍କୁ ଚିହ୍ନଟ କରେ।

ଆପଣ ଭାବିପାରନ୍ତି ଯେ ଏଭଳି ଫଟୋଚିତ୍ର ପୁଲିସ୍‌କୁ ହସ୍ତାନ୍ତର କରିବାରେ କିଛି କ୍ଷତି ନାହିଁ, କିନ୍ତୁ ଏଭଳି କାର୍ଯ୍ୟ ସମଗ୍ର ସାମ୍ବାଦିକତା ଜଗତ୍ ଉପରେ ଖରାପ ପ୍ରଭାବ ପକାଇବ। ଘଟଣା ଘଟିବା ପରେ ଆପଣ ପୁଲିସ୍ ପାଇଁ କାର୍ଯ୍ୟ କରୁଥିବାର ଲୋକେ ବିଶ୍ୱାସ କରିବେ ଏବଂ ଜଣେ ସାମ୍ବାଦିକ ଭାବେ ଆପଣ ଘଟଣାର ରେକର୍ଡିଂ କରୁଥିବାବେଳେ ସେମାନେ ତାହାକୁ ବନ୍ଦ ପାଇଁ ଚେଷ୍ଟା କରବେ। ଫଟୋ ନ ଉଠାଇବା ଲାଗି ଜୋରଜବରଦସ୍ତ କରିବେ। ସେଭଳି କାର୍ଯ୍ୟକୁ ପ୍ରତିରୋଧ ପାଇଁ ଆପଣଙ୍କୁ କେହି ସାହାଯ୍ୟ କରିବେ ନାହିଁ। ନିଜ କାର୍ଯ୍ୟକୁ ଠିକ ଭାବେ ସଂପାଦନରେ ଆପଣ ଅସମର୍ଥ ହେବେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି, ଅନ୍ୟ କେହି ସାମ୍ବାଦିକ ଫଟୋ ଉତ୍ତୋଳନ କରିବା ଦେଖିଲେ ସେମାନେ ମଧ୍ୟ ବାରଣ କରିପାରନ୍ତି କିଂବା ତଙ୍କୁ ଆକ୍ରମଣ କରିପାରନ୍ତି। ଯଦି ଜାଣିପାରନ୍ତି ଯେ ଆପଣ ପୂର୍ବରୁ ପୁଲିସକୁ ସେଭଳି ଫଟୋଗ୍ରାଫ୍ ହସ୍ତାନ୍ତର କରିଛନ୍ତି, ତାହାଲେ ଅନ୍ୟ ସମସ୍ତ ସାମ୍ବାଦିକଙ୍କୁ ସେମାନେ ଅବିଶ୍ୱାସ କରିପାରନ୍ତି। ଏହା ଦ୍ୱାରା ସାମଗ୍ରିକ ଭାବେ ସାମ୍ବାଦିକତା ବୃତ୍ତିର କ୍ଷତି ଘଟେ।

### ଖବରର ସୂତ୍ର/ଉତ୍ସରେ ସାଂପ୍ରତିକ ପରିବର୍ତ୍ତନ

### ୧. ଚେକ୍‌ବୁକ୍ ଜର୍ନାଲିଜମ୍ (ସୂଚନା କ୍ରୟ) :

ବର୍ତ୍ତମାନ ଯୁଗରେ ସୂଚନା ବା ଖବର ସମସ୍ତଙ୍କ ଜୀବନଧାରାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇଯାଇଛି। ଖବରକୁ ନେଇ ଏବେ ଅଧିକାଂଶ ଖବରକାଗଜ ସଂସ୍ଥା ମଧ୍ୟରେ ପ୍ରତିଯୋଗିତା ଚାଲିଛି। ପ୍ରତ୍ୟେକ ଖବରକୁ ସ୍ୱତନ୍ତ୍ର ଢଙ୍ଗରେ ଏବଂ ଆଗୁଆ ପାଠକଙ୍କୁ ଖବର ଯୋଗାଇବା ଦିଗରେ ଖବରକାଗଜଗୁଡ଼ିକ ଚେଷ୍ଟିତ। ନିଜ ଖବରକାଗଜର ପାଠକ ସଂଖ୍ୟା କିଂବା ଟେଲିଭିଜନ୍ ପାଇଁ ଟିଆରପି  ସ୍ଥିତି ବଜାୟ ରଖିବାର ତୀବ୍ର ପ୍ରତିଯୋଗିତା ମଧ୍ୟରେ ସାମ୍ବାଦିକମାନେ ଅଣନିଶ୍ୱାସୀ ହୋଇ ପଡୁଛନ୍ତି।

ନିଜ ନିଜ ସଂସ୍ଥାର ଉଚ୍ଚ କର୍ତ୍ତୃପକ୍ଷଙ୍କ ଅତିଶୟ ଚାପ ମଧ୍ୟରେ ସାମ୍ବାଦିକଙ୍କୁ କାମ କରିବାକୁ ପଡ଼େ, କାରଣ ପ୍ରତ୍ୟେକ ଦିନ ଯେକୌଣସି ଉପାୟରେ ହେଉ ପଛେ କିଛି ନା କିଛି ନୂଆ ସୂଚନା/ ଖବର ସଂଗ୍ରହ ପାଇଁ ସେମାନଙ୍କୁ ଦାୟିତ୍ୱ ଦିଆଯାଇଥାଏ। ନୈତିକତା ଦୃଷ୍ଟିକୋଣରୁ ଏହାକୁ ଆଦୌ ବିଚାର କରାଯାଏ ନାହିଁ। ବେଳେବେଳେ ସୂଚନା ଜାଣିଥିବା ଲୋକ ସୂଚନା ଦେବା ପାଇଁ ଅରାଜି ହୁଅନ୍ତି। ଯଦି ସୂଚନାଟି ଗୁରୁତ୍ୱପୂର୍ଣ୍ଣ ଥାଏ, ସାମ୍ବାଦିକ ଅର୍ଥ ବଦଳରେ ତାହା ଆଣନ୍ତି। ଖବର ସଂଗ୍ରହର ଏହି ଧାରା ଅନ୍ତର୍ଜାତୀୟ ସ୍ତରରେ "ଚେକ୍‌ବୁକ୍ ଜର୍ନାଲିଜମ୍" ଭାବେ ଜଣା।

## ୨. ପ୍ରଚ୍ଛନ୍ନ ଶ୍ରବଣ (ଲୁଚିଛପି ବ୍ୟକ୍ତିଗତ କଥାବାର୍ତ୍ତା ଶୁଣିବା) :

ଜଣେ ଉତ୍ତମ ସାମ୍ବାଦକ ନିଜ ଆଖି ଓ କାନକୁ ସବୁବେଳେ ଖୋଲା ରଖିବା ଉଚିତ; ଏହା ଦ୍ୱାରା ଘଟଣାର କିଛି ନା କିଛି ସୁରାକ୍ ମିଳିଯିବାର ସମ୍ଭାବନା ଥାଏ। ଏପରିକି ବସ୍‌ରେ ଯିବା ସମୟରେ କିଂବା କୌଣସି କାର୍ଯ୍ୟାଳୟରେ ଥିବାବେଳେ ଅଜଣା ବ୍ୟକ୍ତିଙ୍କ ମଧ୍ୟରେ ଚାଲିଥିବା କଥାବାର୍ତ୍ତାରୁ କୌଣସି ସୂଚନା ମିଳିଯାଇପାରେ ଏବଂ ସେହି ସୂଚନା ଆଧାରରେ ଖବରଟିଏ ପ୍ରସ୍ତୁତି ପାଇଁ ସ୍ୱତଃ ଭାବନା ଆସେ। ଏହାକୁ ପ୍ରଚ୍ଛନ୍ନ ଶ୍ରବଣ (EAVESDROPPING) କୁହାଯାଏ। ଏଥିରେ ସୂତ୍ର/ଉତ୍ସଙ୍କ ଠାରୁ କୌଣସି ମତ ନେବାକୁ ପଡ଼ି ନ ଥାଏ ଓ ସେମାନଙ୍କ ଅଜ୍ଞାତରେ ସୂଚନାଟିଏ ଆପଣଙ୍କୁ ମିଳିଯାଏ। ଏହି ଉପାୟରେ ସୂଚନାଟିଏ ପାଇବାର କଳା, କୌଣସି ଗୁପ୍ତଚର ବା ଗୁଇନ୍ଦାର ଭୂମିକା ଠାରୁ କମ୍ ନୁହେଁ ବୋଲି କହିହେବ। ଯଦି ଅକସ୍ମାତ୍ ଆପଣଙ୍କୁ ଏହି ଉପାୟରେ ସୂଚନାଟିଏ ମିଳିଯାଏ, ତେବେ ଲୋକେ ହୁଏତ ଅଭିଯୋଗ କରିପାରନ୍ତି, କିନ୍ତୁ ଆଇନଗତ ଭାବେ ଆପଣଙ୍କୁ ସେମାନେ ଦୋଷୀ ସାବ୍ୟସ୍ତ କରିପାରିବେ ନାହିଁ। ଯଦି ଆପଣ ଉଦ୍ଦେଶ୍ୟମୂଳକ ଭାବେ ଏଭଳି କରୁଥାନ୍ତି, ଅର୍ଥାତ୍ ଯାହାଙ୍କ ଠାରୁ ଆପଣ ଗୁପ୍ତରେ ସୂଚନା ହାସଲ କରିଛନ୍ତି, ତାଙ୍କୁ ନିଜ ପରିଚୟ ନ ଦେଇ ମେଲ୍ ଦ୍ୱାରା କିଂବା ଟେଲିଫୋନ୍ ଦ୍ୱାରା ସୂଚନା ବିଷୟରେ ଅବଗତ କରାନ୍ତି, ତା'ହେଲେ ସମ୍ଭବତଃ ଆଇନ ଭାଙ୍ଗିବାକୁ ପଡ଼ିବ।

ବ୍ରଡ୍‌କାଷ୍ଟ୍ ଜର୍ନାଲିଜମ୍ ବା ଇଲେକ୍ଟ୍ରୋନିକ୍ ମିଡିଆରେ ସାମ୍ବାଦିକତା କ୍ଷେତ୍ରରେ ଏଭଳି ଅଧିକ ଦେଖାଯାଏ, ଯେତେବେଳେ ସାମ୍ବାଦିକମାନେ ଜଣକ ଅଜ୍ଞାତସାରରେ ତାଙ୍କ ସ୍ୱର କିଂବା ଫଟୋ ରେକର୍ଡ୍ କରିନିଅନ୍ତି। 'ସାମ୍ବାଦିକତାର ନିୟମାବଳୀ ଅନୁସାରେ, ପ୍ରସାରଣ ପାଇଁ ବ୍ୟକ୍ତିଙ୍କ ସାକ୍ଷାତ୍‌କାର ନେବା ପୂର୍ବରୁ ଆପଣଙ୍କ ପରିଚୟ ଏବଂ ସଂସ୍ଥା ସଂପର୍କରେ ତାଙ୍କୁ ନିଶ୍ଚିତ ଅବଗତ କରାଇବା ଉଚିତ। କେତେକ ଦେଶରେ ସାକ୍ଷାତ୍‌କାର ଦେଉଥିବା ବ୍ୟକ୍ତିଙ୍କ ଅନୁମତି ନେବା ବାଧ୍ୟତାମୂଳକ ଏବଂ ଏଥିପାଇଁ ସ୍ୱତନ୍ତ୍ର ଆଇନ ମଧ୍ୟ ରହିଛି। କୌଣସି ଅବୈଧ କିଂବା ଅସାଧୁ ଉପୟରେ ସୂଚନା ମିଳିଥିବାର ଆପଣଙ୍କୁ ବିଶ୍ୱାସ ହେଲେ, ସେଭଳି ସୂଚନାକୁ ଅତି ସାବଧାନତାର ସହ ବ୍ୟବହାର କରାଯିବା ଦରକାର। ଆଇନଗତ କାର୍ଯ୍ୟାନୁଷ୍ଠାନ କେବଳ ଆପଣଙ୍କୁ ଅସୁବିଧାରେ ପକାଇବ ନାହିଁ, ଆପଣଙ୍କ ସଂସ୍ଥା ମଧ୍ୟ ସମସ୍ୟାର ସମ୍ମୁଖୀନ ହେବ। ଫଳରେ ଯେଉଁ ପ୍ରସଙ୍ଗରେ ଆପଣ ପ୍ରାଥମିକ ସୂଚନା ସଂଗ୍ରହ କରିଥିବେ, ସେଥିରୁ ଲୋକଙ୍କ ଧ୍ୟାନ ହଟିଯିବ। ତେବେ, ଅଧିକାଂଶ ସମୟରେ ଦକ୍ଷ ସାମ୍ବାଦିକମାନେ ବିନା ଚୁକ୍ତିରେ କିଂବା କାହାରି ସହିତ ବୁଝାମଣା ନ କରି ଏବଂ ଆଇନ ନ ଭାଙ୍ଗି ଗୁପ୍ତ ସୂଚନା ପାଇଥାନ୍ତି।

## ୨.୫ ସତ୍ୟତା ଅନୁସନ୍ଧାନ

ସାମ୍ବାଦିକମାନେ 'ଖବରର ତଥ୍ୟ' ଓ 'ତଥ୍ୟର ସତ୍ୟତା' ଅନୁସନ୍ଧାନ କରନ୍ତି ଏବଂ ତାହାକୁ ଖବରରେ ଉପସ୍ଥାପନ କରି ବୃତିଗତ ମନୋଭାବର ପରିଚୟ ଦେଇଥାନ୍ତି । ଖବରର ସତ୍ୟତାକୁ ନେଇ ପାଠକ ମନରେ ମଧ୍ୟ ସବୁବେଳେ ବିଶ୍ୱାସ ରହିଥାଏ । ଯେକୌଣସି ଖବର ତଥ୍ୟପୂର୍ଣ୍ଣ ହେବା ଏବଂ ସେଥିରେ ସଠିକ୍ ତଥ୍ୟ ରହିବା ସହ ସାମ୍ବାଦିକତାର ଗୁରୁତ୍ୱପୂର୍ଣ୍ଣ ଉପାଦାନ ମଧ୍ୟରୁ ଅନ୍ୟତମ ଏବଂ ଗଣମାଧ୍ୟମର ଆତ୍ମ-ଶୃଙ୍ଖଳାର ସିମା ମଧ୍ୟରେ ଏହା ସ୍ଥାନିତ ହେବା ଆବଶ୍ୟକ ।

ସତ୍ୟତା ଅନୁସନ୍ଧାନର ଲକ୍ଷ୍ୟ ମୁଖ୍ୟତଃ ତିନି ଭାଗରେ ବିଭକ୍ତ :

√ ସ୍ୱଚ୍ଛତା
√ ନିରପେକ୍ଷତା
√ ମୌଳିକତା

**ସ୍ୱଚ୍ଛତା :**

- ଖବର ଲେଖିବାବେଳେ ସ୍ୱଚ୍ଛତା ବଜାୟ ରଖ । ଯେତେ ସମ୍ଭବ ସଂପୂର୍ଣ୍ଣ ତଥ୍ୟ ସଂଗ୍ରହ କର ଓ ପାଠକଙ୍କୁ ଜଣାଅ । ପାଠକଙ୍କୁ ଠକେଇବା ଭଳି କିଛି ତଥ୍ୟ ଛାଡ଼ିଯାଅ ନାହିଁ ।
- କାହାଣୀର ବିଷୟବସ୍ତୁ ବାବଦରେ ଯାହା ଜଣାଅଛି ତାହା ଲେଖ ଏବଂ ଯାହା ଜଣା ନାହିଁ ସେ ସଂପର୍କରେ ପାଠକଙ୍କୁ ସୂଚନା ଦିଅ । ଯେତିକି ଉଲ୍ଲେଖ କରିଛ, ତା'ଠାରୁ ଅଧିକ ଜାଣିଛ ବୋଲି ଆଭାଷ ଦିଅ ନାହିଁ ।
- ସୂଚନାଗୁଡ଼ିକୁ ଏମିତି ଢଙ୍ଗରେ ଉପସ୍ଥାପନ କର, ଯେମିତି ସାଧାରଣ ପାଠକ ତାହାକୁ ଗ୍ରହଣ କରିବେ ଏବଂ ମନେ ରଖିବେ ।
- ସତ୍ୟ ଖବର ପରିବେଷଣର ଅର୍ଥ ନିଜ ପାଠକଙ୍କ ପ୍ରତି ସମ୍ମାନ । ଏହା ଦ୍ୱାରା ସୂଚନାର ସଠିକତା, ଖବର ସଂଗ୍ରହର ମାଧ୍ୟମ, ଉଦ୍ଦେଶ୍ୟ ଏବଂ ସାମ୍ବାଦିକଙ୍କ ପକ୍ଷପାତିତା ସଂପର୍କରେ ବିଚାର ପାଇଁ ପାଠକଙ୍କୁ ସୁଯୋଗ ମିଳିଥାଏ ।

**ନିରପେକ୍ଷତା :**

- ସାମ୍ବାଦିକମାନେ ସମଦୃଷ୍ଟିସମ୍ପନ୍ନ ହେବା ଦରକାର । କୌଣସି ଘଟଣା ଶୁଣିବା କିଂବା ଦେଖିବାବେଳେ ତାହାକୁ ଠିକ୍ ଭାବେ ବୁଝିବା ଏବଂ ନିରପେକ୍ଷ ଭାବେ ବିଚାର କରିବା ଉଚିତ ।
- ଅନୁମାନ ଲଗାଇ କୌଣସି ଘଟଣାକୁ ସତ ବୋଲି ଧରିନିଅ ନାହିଁ । ନିଜ ଜ୍ଞାନକୁ ନେଇ ଗର୍ବୀ କିଂବା ମାତ୍ରାଧିକ ଆତ୍ମବିଶ୍ୱାସୀ ହୁଅ ନାହିଁ ।

- ନିଜ ବିଫଳତାକୁ ଚିହ୍ନଟ କର ଓ ଜ୍ଞାନର ପରିସୀମା ବାବଦରେ ସଚେତନ ହୁଅ।
- ନିଜକୁ ସର୍ବଜ୍ଞ କହୁଥିବା ବ୍ୟକ୍ତିଙ୍କ ସଂପର୍କରେ ସତର୍କ ରୁହ। ତାଙ୍କୁ କେନ୍ଦ୍ରକରି କିଛି ଲେଖ ନାହିଁ। ନିଜ ସନ୍ଦେହ ବାବଦରେ ନିଶ୍ଚିତ ହୁଅ ଏବଂ ତାହା ପରେ ଯାଂଚ୍ କର।
- ପ୍ରଥମେ, ତୁମେ ଯାହା ଠିକ୍ ଜାଣିଛ, ସେଥିରେ ସାଧୁତା ଦେଖାଅ; ଅନୁମାନ କିଂବା ଯୁକ୍ତି ଆଧାରରେ କିଛି ଗ୍ରହଣ କର ନାହିଁ।
- କୌଣସି ଘଟଣାର ଭୁଲ ଉପସ୍ଥାପନାରୁ ନିଜକୁ ଦୂରେଇ ରଖିବାର ଉପାୟ ହେଲା- ନିଜ ଜ୍ଞାନର ପରିଧି ଭିତରେ ରହି ସଚ୍ଚୋଟତା ଆଚରଣ ଏବଂ ବୋଧ-ଶକ୍ତି (ପ୍ରତ୍ୟକ୍ଷ ଜ୍ଞାନ)ର ପ୍ରୟୋଗ।

**ମୌଳିକତା :**

- ଘଟଣାର ସୂଚନାଗୁଡ଼ିକରେ ତାରତମ୍ୟ ଥାଇପାରେ। ଏଥିପାଇଁ ନିଜ କାମ ନିଜେ କର। ଘଟଣାକୁ ଉପଲବ୍ଧି କର ଓ ନିଜେ ସୂଚନା ସଂଗ୍ରହ କରି ଖବର ଲେଖ, ଯାହାକୁ ମୌଳିକ ଲେଖା କୁହାଯାଏ।
- ସାମ୍ବାଦିକମାନେ କହନ୍ତି, ଅଧିକାଂଶ ସମୟରେ ସେମାନଙ୍କୁ ଯେଉଁ ସ୍ଥାନରୁ କିଂବା ଯେଉଁ ବ୍ୟକ୍ତିଙ୍କ ଠାରୁ ସୂଚନା ମିଳେ, ସେଥିରେ ଭୁଲ ତଥ୍ୟ ଥାଏ ଏବଂ ତାହାକୁ ଯାଂଚ୍ କରିବାରେ ସେମାନେ ବିଫଳ ହୁଅନ୍ତି। ଏଥିପାଇଁ ଘଟଣାସ୍ଥଳର ନିଜସ୍ୱ ଅନୁଭୂତି ଆବଶ୍ୟକ।

## ୨.୬ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

୧. ସଂପାଦକମାନେ କାହିଁକି ‘ଇନ୍‌ଭର୍ଟେଡ୍ ପିରାମିଡ୍’ ଶୈଳୀ ଅନୁସରଣ କରନ୍ତି ?

୨. ଆଟ୍ରିବ୍ୟୁସନ୍ କ’ଣ ? ଏହାର ସ୍ତରଗୁଡ଼ିକ କ’ଣ ?

୩. ଖବର ସଂଗ୍ରହବେଳେ ‘ବିଶ୍ୱସନୀୟତା’ର ତାତ୍ପର୍ଯ୍ୟ ସଂପର୍କରେ ଉଲ୍ଲେଖ କର।

୪. ଗଣମାଧ୍ୟମ ସଂସ୍ଥା ପାଇଁ ଖବର ‘ଭେରିଫିକେସନ୍’ ବା ଯାଞ୍ଚର ଉପଯୋଗ କହିଲେ କ’ଣ ବୁଝ ?

# ତୃତୀୟ ଏକକ :
# ପ୍ରବନ୍ଧ (କୌଣସି ବିଷୟଗତ ଆଲେଖ୍ୟ) ଓ ଫିଚର୍ ବା ବିଶେଷ ପ୍ରବନ୍ଧ ଲିଖନ ; ଫିଚର୍‌ର ପ୍ରକାର ଭେଦ ; ଲିଡ୍ ଲେଖନ ଶୈଳୀ ; ପ୍ରବନ୍ଧ ଓ ବିଶେଷ ପ୍ରବନ୍ଧ ମଧ୍ୟରେ ପ୍ରଭେଦ

**ବିଷୟ ଗଠନ :**


୩.୧ ପଠନର ଉଦ୍ଦେଶ୍ୟ

୩.୨ ଉପକ୍ରମ

୩.୩ ନ୍ୟୁଜ୍ ଆର୍ଟିକଲ୍ ବା ଖବରଭିତ୍ତକ ପ୍ରବନ୍ଧ

  ୩.୩.୧ ନ୍ୟୁଜ୍ ଆର୍ଟିକଲ୍‌ର ଉପାଦାନ

୩.୪ ଫିଚର୍ କାହାଣୀ

  ୩.୪.୧ ଫିଚର୍ ବା ବିଶେଷ ପ୍ରବନ୍ଧର ପ୍ରକାରଭେଦ

୩.୫ ନ୍ୟୁଜ୍ ଆଟିକଲ୍ ଓ ଫିଚର୍ କାହାଣୀ ମଧ୍ୟରେ ପାର୍ଥକ୍ୟ

୩.୬ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ


## ୩.୧ ପଠନର ଉଦ୍ଦେଶ୍ୟ

ନ୍ୟୁଜ୍ ଆର୍ଟିକଲ୍ (ସମ୍ବାଦଭିତିକ ଲେଖା) ଓ ଫିଚର୍ କାହାଣୀ ସଂପର୍କରେ ଅବଗତ ହେବା ଏହି ଅଧ୍ୟାୟର ଉଦ୍ଦେଶ୍ୟ। ଏହି ଅଧ୍ୟାୟର ସମାପ୍ତି ପରେ ଖବର ଲେଖନ ଓ ଫିଚର୍ କାହାଣୀ ପ୍ରସ୍ତୁତି ସମ୍ବନ୍ଧରେ ଧାରଣା ଆସିପାରିବ।

## ୩.୨ ଉପକ୍ରମ

ନ୍ୟୁଜ୍ ଆର୍ଟିକଲ୍ ଓ ଫିଚର୍ ଲିଖନ ମୌଳିକ ଭାବେ କିଛି ଗବେଷଣା ଉପରେ ପର୍ଯ୍ୟବେସିତ। ସାଧାରଣ ଖବର ଠାରୁ ନ୍ୟୁଜ୍ ଆର୍ଟିକଲ୍ ଓ ଫିଚର୍ ଲେଖା ଶୈଳୀ ଭିନ୍ନ ହୋଇଥାଏ। ଏଥିପାଇଁ ବିଧିବଦ୍ଧ ଯୋଜନା ଓ ସୃଜନଶୀଳତା ଆବଶ୍ୟକ।

## ୩.୩ ନ୍ୟୁଜ୍ ଆର୍ଟିକଲ୍ ବା ଖବରଭିତ୍ତକ ପ୍ରବନ୍ଧ

ତାଜା/ସାଂପ୍ରତିକ ଖବରକୁ ନେଇ ପ୍ରସ୍ତୁତ ଲେଖା ନ୍ୟୁଜ୍ ଆର୍ଟିକଲ୍ ଭାବେ ଜଣା ଯାହା ଦୈନିକ ଖବରକାଗଜରେ ଦେଖିବାକୁ ମିଳେ। ଏଭଳି ଲେଖାମାନ ନିର୍ଦ୍ଦିଷ୍ଟ ବିଷୟବସ୍ତୁକୁ ନେଇ ଲେଖାଯାଇଥାଏ ଏବଂ ବିଶେଷତଃ ସମ୍ବାଦଭିତ୍ତିକ ପତ୍ରିକାରେ ତାହା ପ୍ରକାଶିତ ହୁଏ।

ଲେଖା ମଧ୍ୟରେ ଘଟଣାର ପ୍ରତ୍ୟେକ୍ଷଦର୍ଶୀଙ୍କୁ ସାମିଲ କରାଯାଏ। ବିଷୟବସ୍ତୁ ସହ ସଂଶ୍ଲିଷ୍ଟ ଫଟୋଗ୍ରାଫ୍‌, ଘଟଣାର ବିବରଣୀ, ପରିସଂଖ୍ୟାନ, ସାକ୍ଷାତ୍‌କାର, ପ୍ରାକ୍‌-ସୂଚନା, ରେଖା-ଚିତ୍ର, ବିତର୍କ ଆଦି ଲେଖା ମଧ୍ୟରେ ସ୍ଥାନିତ ହୁଏ। ଏଭଳି ଲେଖାରେ ଲେଖକ ତଥ୍ୟଗୁଡ଼ିକର ବିସ୍ତୃତ ବର୍ଣ୍ଣନା ପାଇଁ ୫ ଡବ୍ଲ୍ୟୁ ୧ ଏଚ୍‌ ଶୈଳୀ ବ୍ୟବହାର କରିଥାନ୍ତି।

ଲେଖାରେ ବ୍ୟକ୍ତିଗତ ମତ ଉଦ୍ଧାର କରିବା ଖୁବ୍‌ ତାତ୍ପର୍ଯ୍ୟପୂର୍ଣ୍ଣ। ଏହାଦ୍ୱାରା ଲେଖାର ମହତ୍ୱ ବଢ଼େ। ସାକ୍ଷାତ୍‌କାର ସମୟରେ ଭିନ୍ନ ଭିନ୍ନ ବ୍ୟକ୍ତିଙ୍କ ମତାମତ ନିଆଯାଇପାରେ। ଏଭଳି ଆର୍ଟିକଲଗୁଡ଼ିକ ପାଠକଙ୍କ ମନରେ ଉତ୍କଣ୍ଠା ସୃଷ୍ଟି କରେ। ଲେଖାର ଶରୀର (ମଧ୍ୟ ଭାଗ), ଯେଉଁଠି କାହାଣୀର ବିସ୍ତୃତ ବର୍ଣ୍ଣନା ହୋଇଥାଏ, ତାହାର ଉପସ୍ଥାପନା ଉଚ୍ଚକୋଟୀର ହୁଏ।

ଖବରକାଗଜ ଆର୍ଟିକଲର ଶେଷ ଭାଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, କାରଣ ଏହାର ସମସ୍ତ ଉପାଦାନ ଶେଷରେ ରହେ। ବିଶେଷ କରି, ଗୋଟିଏ ସାଧାରଣ ଖବରର ପ୍ରଥମ ଦୁଇଟି ପାରାଗ୍ରାଫରେ ପ୍ରାୟ ସବୁ ଗୁରୁତ୍ୱପୂର୍ଣ୍ଣ ସୂଚନା ଲେଖାଯାଏ ଏବଂ କମ୍‌ ଗୁରୁତ୍ୱପୂର୍ଣ୍ଣ ସୂଚନାଗୁଡ଼ିକୁ ତଳକୁ ତଳ ଲେଖାଯାଇଥାଏ, ଏଥିପାଇଁ ସାମ୍ବାଦିକମାନେ ତାଲିମ ନେଇଥାନ୍ତି। କିନ୍ତୁ ଗୋଟିଏ ଆର୍ଟିକଲରରେ ପ୍ରଥମରୁ ଶେଷ ପର୍ଯ୍ୟନ୍ତ ପାଠକଙ୍କ ଆଗ୍ରହକୁ ଧରି ରଖିବା ଉଦ୍ଦେଶ୍ୟରେ ଖବରଟି ପ୍ରସ୍ତୁତ ହୁଏ।

## ୩.୩.୧ ନ୍ୟୁଜ୍‌ ଆର୍ଟିକଲ୍‌ର ଉପାଦାନ

- **ହେଡ୍‌ଲାଇନ୍‌ (ଶିରୋନାମା) :** ବିଷୟବସ୍ତୁ ସଂପର୍କରେ ଶିରୋନାମା ହିଁ ସବୁବେଳେ ପାଠକଙ୍କ ଦୃଷ୍ଟି ଆକର୍ଷଣ କରେ। ଏବେ ସାଙ୍କେତିକ ଶୈଳୀରେ ଆଧୁନିକ ଶୀର୍ଷକ ଲେଖାଯାଉଛି।
- **ବାଇଲାଇନ୍‌ (ନାମ ପଙ୍‌କ୍ତି) :** ଲେଖକଙ୍କ ନାଁ ଆର୍ଟିକଲ୍‌ର ପ୍ରଥମ କିଂବା ଶେଷରେ ଲେଖାଯାଏ। ଏହାକୁ ନାମ ପଙ୍‌କ୍ତି (ବାଇଲାଇନ୍‌) କୁହାଯାଏ।
- **ଲିଡ :** ଅଧିକାଂଶ ସମୟରେ ପାଠକଙ୍କ ଆଗ୍ରହ ବଢ଼ାଇବା ଉଦ୍ଦେଶ୍ୟରେ ଲିଡ୍‌ ବା ଇନ୍‌ଟ୍ରୋ ଲେଖାଯାଏ। ବିଷୟବସ୍ତୁ ଭିତରକୁ ପ୍ରବେଶ ପାଇଁ ପାଠକଙ୍କୁ ଏହା ବାନ୍ଧି ରଖେ। ଏହାକୁ ମଧ୍ୟ ପ୍ରାରମ୍ଭିକ ଅନୁଚ୍ଛେଦ କୁହାଯାଏ। ଇନ୍‌ଟ୍ରୋରେ ପାଠକଟିଏ କିଏ, କ'ଣ, କେବେ, କେଉଁଠି, କାହିଁକି ଏବଂ କେମିତି ଭଳି ପ୍ରଶ୍ନର ଉତ୍ତର ଖୋଜି ପାଏ।
- **ଶରୀର (ମଧ୍ୟ ଭାଗ) :** ଲିଡ୍‌ରୁ ଗୋଟିଏ ଆର୍ଟିକଲ୍‌ର ବିଷୟବସ୍ତୁ (ମଝି ଭାଗ) ଧୀରେ ଧୀରେ ତଳକୁ ଗଡ଼ି ଆସେ। କାହାଣୀର ଯଥାର୍ଥ ପ୍ରତିପାଦନ ପାଇଁ ଏଠାରେ ଉଦ୍ଧୃତି ବ୍ୟବହାର କରାଯାଏ।

## ୩.୪ ଫିଚର୍ କାହାଣୀ

ଫିଚରଧର୍ମୀ ଲେଖା କାଳ୍ପନିକ କିଂବା ମନଗଢ଼ା ନୁହେଁ। ସାମ୍ବାଦିକତା ଭାଷାରେ ଏହା ହାଲୁକା ଖବର (ସଫ୍‌ଟ ନ୍ୟୁଜ୍)। ଏକ ନିର୍ଦ୍ଦିଷ୍ଟ ବିଷୟରେ ବିସ୍ତୃତ ବର୍ଣ୍ଣନା ଏଥିରୁ ମିଳେ। ଫିଚର୍ ଲେଖାରେ ମୁଖ୍ୟତଃ ଗୋଟିଏ କାହାଣୀର ରୋଚକ ଦିଗ ଥାଏ, ଯାହା ଅତ୍ୟନ୍ତ ମର୍ମସ୍ପର୍ଶୀ/ହୃଦୟସ୍ପର୍ଶୀ ଲାଗେ। ପାଠକର ମନକୁ ଛୁଏଁ। ଫିଚର୍ ଏକ ଗୁଣାତ୍ମକ ଲେଖା। ପୂର୍ଣ୍ଣାଙ୍ଗ ଖବର ସଂଗ୍ରହ ଉପରେ ଲେଖାର ପ୍ରସ୍ତୁତି ନିର୍ଭର କରେ। ଲେଖିବାବେଳେ ଲେଖକ ନିଜ ଆଖି, କାନ, ମନୋଭାବ, ଭାବପ୍ରବଣତା, ଅନୁଭବ ଏବଂ ବିଚାର ଶକ୍ତିକୁ ଉପଯୋଗ କରିଥାଏ।

ଯଦି ଜଣେ ଲେଖକ ଭାରତର ସ୍ୱାସ୍ଥ୍ୟ ସମସ୍ୟା ଉପରେ ଫିଚର୍ ଲେଖିବାକୁ ଚାହାନ୍ତି, ତାଙ୍କୁ ଅନେକ ରେକର୍ଡ୍ ବା ଲିପିବଦ୍ଧ ତଥ୍ୟ ସଂଗ୍ରହ କରି ଲେଖା ସହିତ ଯୋଡ଼ିବାକୁ ହୁଏ। ବିଷୟବସ୍ତୁ ସହିତ ଜଡ଼ିତ ବ୍ୟକ୍ତିମାନଙ୍କ ସହିତ ଅଧିକ ସମୟ ବିତାଇବାକୁ ପଡ଼େ। ଭାରତର ବିଭିନ୍ନ ଭାଷାରେ ପ୍ରକାଶିତ ଖବରକାଗଜରେ ପ୍ରାୟତଃ ଫିଚର୍ କାହାଣୀ ଦେଖିବାକୁ ମିଳିଥାଏ। ଶିଶୁ, ମହିଳା ତଥା ସେହି ଭଳି ଚରିତ୍ର ଆଧାରରେ ଫିଚରଧର୍ମୀ ଲେଖାର ପ୍ରକାଶନ ପାଇଁ ଖବରକାଗଜ ଅଗ୍ରାଧିକାର ଦିଅନ୍ତି।

ଫିଚରର ଇନ୍‌ଟ୍ରୋ ବା ପ୍ରଥମ ଅନୁଚ୍ଛେଦ ଯେମିତି ପାଠକ ମନରେ କୌତୂହଳ ସୃଷ୍ଟି କରିପାରିବ, ସେହିଭଳି ଲେଖାଯିବା ଉଚିତ। ଏଥିପାଇଁ କାହାଣୀର ବିଷୟବସ୍ତୁ ରହସ୍ୟପୂର୍ଣ୍ଣ ଭାବେ ଲେଖିବାକୁ ଲେଖକ ଚେଷ୍ଟା କରିବା ଦରକାର।

ଫିଚର୍ କାହାଣୀର ଅର୍ଥ ସିଧାସଳଖ ଗୋଟିଏ ଖବର ସଂଗ୍ରହ ନୁହେଁ। ସାହିତ୍ୟ ଭଳି ଏହା ସୃଜନାତ୍ମକ ହେବା ଆବଶ୍ୟକ, ଯାହା ପାଠକ ମନରେ ଭାବାବେଗ ସୃଷ୍ଟି କରିବ। ସତ୍ୟ ଓ ସନ୍ତୋଷଜନକ ତଥ୍ୟ ହେଉଛି ଫିଚର୍ କାହାଣୀର ମୌଳିକତା, କିନ୍ତୁ ଖବର ତୁଳନାରେ ଏହା ଅପେକ୍ଷାକୃତ କମ୍ ବାସ୍ତବଧର୍ମୀ। ଫିଚର୍ କାହାଣୀ ସବୁବେଳେ କର୍ମ ବାଚ୍ୟ ଓ ବର୍ଣ୍ଣନାତ୍ମକ ଶୈଳୀରେ ଲେଖିବାକୁ ପଡ଼େ।

ଫିଚର୍ କାହାଣୀ ସତ୍ୟ ଘଟଣା ଉପରେ ଆଧାରିତ ଏବଂ ଏହାର ଶୈଳୀ ରଚନାତ୍ମକ। ପ୍ରାଂଜଳ ଭାଷା ଓ କଥାକୁହା ଢଙ୍ଗରେ ଏହା ଲେଖାଯାଏ।

### ୩.୪.୧ ଫିଚର୍ ବା ବିଶେଷ ପ୍ରବନ୍ଧର ପ୍ରକାରଭେଦ

- କଲର୍ ପିସ୍ : କଲର୍ ପିସ୍ (କଲର୍ ଫଚର୍)ର ଅର୍ଥ ଫଟୋଚିତ୍ର ସହିତ ରଂଗୀନ୍ କାଗଜ ଉପରେ ବିଷୟବସ୍ତୁର ଉପସ୍ଥାପନା। ଉଭୟ ଫଟୋ ଓ କାହାଣୀର ବିଷୟବସ୍ତୁ ଏଭଳି ଢଙ୍ଗରେ ଉପସ୍ଥାପନ କରାଯାଇଥାଏ, ଯାହା ସୁନ୍ଦର ଦିଶେ ଓ ପଢ଼ିବାର ଆଗ୍ରହ ବଢ଼ାଏ। ପତ୍ରିକା ଓ ଖବରକାଗଜରେ ପ୍ରକାଶିତ ଫିଚର୍ ବିଭାଗ ଏକ ଆକର୍ଷଣୀୟ ଅଂଶ।
- ସାକ୍ଷାତ୍‌କାର (ଇଂଟରଭ୍ୟୁ) : ଇଂଟରଭ୍ୟୁ ଅର୍ଥ ସାକ୍ଷାତ୍‌କାର। ସାକ୍ଷାତ୍‌କାର ନେଉଥିବା ଓ ସାକ୍ଷାତ୍‌କାର ଦେଉଥିବା ବ୍ୟକ୍ତିଙ୍କ ମଧ୍ୟରେ ଏହା ଏକ ଗୁଣାତ୍ମକ ବାର୍ତ୍ତାଳାପ। ଫିଚର୍ ଶୈଳୀରେ ଉପସ୍ଥାପିତ ଇଂଟରଭ୍ୟୁ

ସବୁବେଳେ ନୂଆ ଲାଗେ ଓ ପାଠକଙ୍କ ମନରେ କୌତୂହଳ ସୃଷ୍ଟି କରେ। ଇଂଟରଭ୍ୟୁ ନେବା ସମୟରେ ଜଣେ ସାମ୍ବାଦିକ ଏମିତି କିଛି ପ୍ରଶ୍ନ ପଚାରନ୍ତି, ଯାହା ପାଠକ ଓ ଦର୍ଶକଙ୍କୁ ସନ୍ତୁଷ୍ଟ କରିଥାଏ। ଏଥିପାଇଁ ସେମାନଙ୍କୁ ତାଲିମ ନେବାକୁ ପଡ଼େ। ଅଧିକାଂଶ ଇଂଟରଭ୍ୟୁରେ ଭାବପ୍ରବଣତା ଥାଏ। ପାଠକଙ୍କ ଉପରେ ଏହାର ପ୍ରଭାବ ପଡ଼େ। ବେଳେବେଳେ କ୍ରୋଧ ଓ ଆକ୍ରମଣାତ୍ମକ ବ୍ୟବହାର ମଧ୍ୟରେ ଇଂଟରଭ୍ୟୁ ନେବାକୁ ପଡ଼ିଥାଏ।

- ଚରିତ୍ର ଚିତ୍ରଣ (ପ୍ରୋଫାଇଲ୍) : ନିର୍ଦ୍ଦିଷ୍ଟ ବ୍ୟକ୍ତି କିଂବା କୌଣସି ଗୋଟିଏ ଗୋଷ୍ଠୀର ପୃଷ୍ଠଭୂମି ଓ ଚରିତ୍ର ସମ୍ବନ୍ଧରେ ବିସ୍ତୃତ ଆଲୋଚନାକୁ ପ୍ରୋଫାଇଲ୍ ଫିଚର୍ କୁହାଯାଏ। ଏଭଳି ଲେଖାରେ ମୁଖ୍ୟତଃ ଖବରର ଦିଗ (ନ୍ୟୁଜ୍ ଏଙ୍ଗେଲ୍) ଗୁରୁତ୍ୱ ପାଏ କିଂବା ଆଲୋଚ୍ୟ ବ୍ୟକ୍ତିଙ୍କ ବ୍ୟକ୍ତିଗତ ଓ ବୃତ୍ତିଗତ ଜୀବନର ବର୍ଣ୍ଣନା ଅଧିକ ରହେ। ପ୍ରୋଫାଇଲ୍ ଫିଚର୍ ଲେଖିବା ବେଳେ ସବୁ ଦିଗ ପ୍ରତି ସତର୍କ ଦୃଷ୍ଟି ଦେବା ଉଚିତ୍। ଏହା ନିଶ୍ଚିତ ଯେ ଚରିତ୍ରଚିତ୍ରଣ ଯଦି ଲମ୍ବା ହୁଏ, ସଂପୃକ୍ତ ବ୍ୟକ୍ତିଙ୍କୁ ଭଲ ଭାବେ ବୁଝିବା ସହଜ ହୁଏ।
- ହ୍ୟୁମାନ୍ ଇନ୍‌ରେଷ୍ଟ (ଜନଜୀବନ) : କୌଣସି କାହାଣୀର ରୋଚକ ଦିଗଟି ହ୍ୟୁମାନ୍ ଇଂଟେରଷ୍ଟ୍ ଏବଂ ଏଭଳି ଲେଖା ଖବରକାଗଜର ଗୁରୁତ୍ୱ ବଢ଼ାଏ। ବ୍ୟକ୍ତିଗତ ଦୁଃଖ, ଯାତନା, ପୀଡ଼ା ଓ ଅନ୍ତର୍ବେଦନା ହିଁ ଏଭଳି ଲେଖାରେ ପରିପ୍ରକାଶ ପାଏ ଯାହା ମଣିଷକୁ ଭାବପ୍ରବଣ କରିଦିଏ। ସରକାରୀ ଅବହେଳାର ଚିତ୍ର ଓ ଚରିତ୍ରକୁ ଲୋକଲୋଚନକୁ ଆଣିବା ମଧ୍ୟ ଏହି ଶ୍ରେଣୀର ଫିଚର୍ ଅନ୍ତର୍ଭୁକ୍ତ।
- ଟ୍ରାଭେଲ୍ ଫିଚର୍ ବା ଭ୍ରମଣ କାହାଣୀ : ଟ୍ରାଭେଲ୍ ଫିଚର୍‌ର ଅର୍ଥ ହେଲା କୌଣସି ଭ୍ରମଣ କିଂବା ଦର୍ଶନୀୟ ସ୍ଥାନ ସଂପର୍କରେ ବିସ୍ତୃତ ବିବରଣୀ ସମ୍ବଳିତ ଆଲେଖ୍ୟ। ପ୍ରାୟ ପ୍ରତ୍ୟେକ ଖବରକାଗଜର ସପ୍ତାହନ୍ତ ମାଗାଜିନ୍ (ୱିକ୍‌ଏଣ୍ଡ୍ ସପ୍ଲିମେଂଟ୍ ମାଗାଜିନ୍)ରେ ଏଭଳି ଧରଣର ଲେଖା ସଚିତ୍ର ପ୍ରକାଶିତ ହୋଇଥାଏ। ଲେଖକ ତଥା ସାମ୍ବାଦିକମାନେ ଏହା ଲେଖନ୍ତି। ଭ୍ରମଣ ସ୍ଥାନଗୁଡ଼ିକର ଆକର୍ଷଣୀୟ ଚିତ୍ର ପାଠକକୁ ଅଧିକ ଉତ୍ସାହିତ କରେ।
- ଋତୁକାଳୀନ ଫିଚର୍ : ଋତୁକାଳୀନ ପର୍ବ-ପର୍ବାଣି ସାରା ବିଶ୍ୱରେ ଭିନ୍ନ ଭିନ୍ନ ସମୟରେ ପାଳିତ ହୁଏ। ସୁନ୍ଦର ଫଟୋଚିତ୍ର ସହିତ ପର୍ବପର୍ବାଣିଗୁଡ଼ିକର ବିସ୍ତୃତ ସୂଚନା ଖବରକାଗଜ କିଂବା ମାଗାଜିନ୍‌ରେ ସ୍ଥାନିତ କରାଯାଇପାରେ , ଯାହାକୁ ଋତୁକାଳୀନ ଫିଚର୍ କୁହାଯାଏ।
- ତଥ୍ୟ ବାକ୍ସ (ଫ୍ୟାକ୍ଟ ବାକ୍ସ) : ଐତିହାସିକ ଘଟଣା, ବିଜ୍ଞାନ ତଥା ଭୂଗୋଳ ସମ୍ବନ୍ଧୀୟ ଫିଚର୍ ଲେଖାରେ ସାଧାରଣତଃ କିଛି ତଥ୍ୟ ଓ ସୂଚନା ରହେ। ସେଗୁଡ଼ିକୁ କ୍ରମାନ୍ୱୟରେ ଗୋଟିଏ ବାକ୍ସ ମଧ୍ୟରେ ସଜାଇ ଲେଖା ମଧ୍ୟରେ ସ୍ଥାନିତ କରାଯାଇଥାଏ , ଯାହାକୁ ଫ୍ୟାକ୍ଟ ବକ୍ସ କୁହାଯାଇଥାଏ।
- ଫ୍ଲାଏ ଅନ୍ ଦ ୱାଲ୍ : ଏହା ଏଭଳି ଏକ ଫିଚର୍ ଆଲେଖ୍ୟ ଯାହାର ବିଷୟବସ୍ତୁ ସହିତ ଲେଖକଙ୍କର ବ୍ୟକ୍ତିଗତ ସଂପୃକ୍ତି ନ ଥାଏ କିମ୍ବା ଲେଖା ଭିତରେ ଥିବା ତଥ୍ୟ ସହିତ ଲେଖକଙ୍କ ପ୍ରତ୍ୟକ୍ଷ ଅନୁଭୂତି ମଧ୍ୟ ନ ଥାଏ।
- ବିହାଇଣ୍ଡ୍ ଦ ସିନ୍‌ସ ବା ଛାୟା ଫିଚର : ଏଭଳି ଫିଚର୍ ଲେଖିବାବେଳେ ଲେଖକ ଗୋଟିଏ ଘଟଣା/ ବିଷୟବସ୍ତୁକୁ ଉଦାହରଣ ଭାବେ ଗ୍ରହଣ କରି ସେହିଭଳି ଆଉ ଗୋଟିଏ ଲେଖା ପ୍ରସ୍ତୁତ କରିଥାନ୍ତି।

- ଗୁପ୍ତ : ଏଭଳି ଫିଚର୍ ଲେଖକଙ୍କ ଉପରେ ପର୍ଯ୍ୟବସିତ ଓ ଲେଖକ ନିଜେ କାହାଣୀର ମୁଖ୍ୟ ବ୍ୟକ୍ତି ।
- ଜନମତ ସର୍ବେକ୍ଷଣ (ଓପିନିଅନ୍ ପୁଲ୍) : କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ପ୍ରସଙ୍ଗ/ବିଷୟବସ୍ତୁ ଉପରେ ଜନସାଧାରଣଙ୍କ ମତ ଜାଣିବା ଲାଗି ଜନମତ ସର୍ବେକ୍ଷଣଭିତିକ ଫିଚର୍ ପ୍ରସ୍ତୁତ କରାଯାଇପାରେ । ପ୍ରସଙ୍ଗ ଆଧାରରେ ଲେଖକ କିଛି ପ୍ରଶ୍ନ ତିଆରି କରନ୍ତି ଓ ନିର୍ଦ୍ଦିଷ୍ଟ ସଂଖ୍ୟକ ବ୍ୟକ୍ତିଙ୍କଠାରୁ ମତାମତ/ଉତ୍ତର ସଂଗ୍ରହ କରନ୍ତି । ଫିଚର୍ ଶେଷରେ ସର୍ବେକ୍ଷଣର ନିର୍ଯ୍ୟାସ ଉପସ୍ଥାପନ କରାଯାଇଥାଏ ।
- ସମୀକ୍ଷା : ବିଭିନ୍ନ କ୍ରୀଡ଼ା ସଂପର୍କରେ ଫିଚର୍ ପ୍ରସ୍ତୁତ କରାଯାଇପାରେ । ତେବେ, କ୍ରୀଡ଼ା ସାମ୍ବାଦିକଙ୍କ ମତରେ ଏଗୁଡ଼ିକ ପ୍ରତିଷ୍ଠିତ ଖେଳାଳିଙ୍କୁ ନେଇ ପ୍ରସ୍ତୁତ ହେବା ଉଚିତ ଏବଂ ତାହା ସେମାନଙ୍କ ବ୍ୟକ୍ତିଗତ ଓ ପେସାଦାର ଜୀବନ କାହାଣୀ ଉପରେ ଆଧାରିତ ହେବା ଦରକାର । ସେହିପରି ଗୋଟିଏ ସିନେମା ରିଲିଜ୍ ପରେ ତାହାକୁ ସମୀକ୍ଷା କରାଯାଇପାରେ ।

## ୩.୫ ନ୍ୟୁଜ୍ ଆର୍ଟିକଲ୍ ଓ ଫିଚର୍ କାହାଣୀ ମଧ୍ୟରେ ପାର୍ଥକ୍ୟ

ଖବର ହେଉ କିଂବା ଫିଚର, ଉଭୟର କାହାଣୀକୁ ସୃଜନାତ୍ମକ ଢଙ୍ଗରେ ଉପସ୍ଥାପନ କରାଯାଇପରେ । ତେବେ, ନ୍ୟୁଜ୍ (ଖବର) ଲେଖିବାବେଳେ ମୌଳିକ ତଥ୍ୟ ଓ ସଂଖ୍ୟାଗୁଡିକର ସଂକ୍ଷିପ୍ତ ସୂଚନା ଦେବାକୁ ପଡୁଥିବାବେଳେ ଫିଚର୍ କାହାଣୀରେ ବିଷୟବସ୍ତୁକୁ ସଂପୂର୍ଣ୍ଣ ଭାବେ ବର୍ଣ୍ଣନାତ୍ମକ ଢଙ୍ଗରେ ଲେଖାଯାଏ ।

ଖବରଭିତ୍ତକ ପ୍ରବନ୍ଧ ପାଇଁ ଖବରଦାତାଙ୍କୁ ଉପଯୁକ୍ତ ତଥ୍ୟ ଓ ସଂଖ୍ୟା ସଂଗ୍ରହ କରିବାକୁ ପଡ଼େ । ଅନ୍ୟପକ୍ଷରେ ଫିଚର୍ ଲେଖକ ଘଟଣାକୁ ତନ୍ନତନ୍ନ ଅନୁସନ୍ଧାନ କରିଥାନ୍ତି । ଏଥିପାଇଁ ତାଙ୍କୁ ଅଧିକ ସମୟ ଦେବାକୁ ପଡ଼େ । ଘଟଣାଟି କେମିତି ଓ କାହିଁକି ଘଟିଲା, ତାହାକୁ ସେ ବୈଜ୍ଞାନିକ ପଦ୍ଧତିରେ ଅନୁସନ୍ଧାନ କରି ଲେଖିଥାନ୍ତି ।

ଉଭୟର ଲିଖନ ଶୈଳୀ ଉତ୍ତମ । ୫ଡବ୍ଲୁ ୧ଏଚ୍ ଶୈଳୀରେ ଖବରଭିତ୍ତିକ ପ୍ରବନ୍ଧ ଲେଖାଯାଉଥିବାବେଳେ ଫିଚର୍ କାହାଣୀ ଅଧିକ ସୃଜନାତ୍ମକ ଢଙ୍ଗରେ ଲେଖାଯାଏ । ଏହାର ଶୀର୍ଷାଂଶ ବା ଲିଡ୍ ଆକର୍ଷଣୀୟ । ଉଭୟର କାହାଣୀକୁ ନ୍ୟାୟ ଦେବା ଭଳି ଫଟୋଚିତ୍ର ଓ ଆକର୍ଷଣୀୟ ଶିରୋନାମା ସହିତ ଉପସ୍ଥାପନ କରାଯାଏ ।

## ୩.୬ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

୧. ସମ୍ବାଦଭିତ୍ତିକ ପ୍ରବନ୍ଧ ବା ନ୍ୟୁଜ୍ ଆର୍ଟିକଲ୍ କ'ଣ ?

୨. ବିଭିନ୍ନ ପ୍ରକାର ଫିଚର କାହାଣୀ ବର୍ଣ୍ଣନା କର ?

୩. ନ୍ୟୁଜ୍ ଆର୍ଟିକଲ୍ ଓ ଫିଚର୍ ଷ୍ଟୋରୀ ମଧ୍ୟରେ ମୁଖ୍ୟ ପାର୍ଥକ୍ୟ କ'ଣ ?

# ଚତୁର୍ଥ ଏକକ :

# ସଂପାଦକୀୟ ପୃଷ୍ଠା : ସଂପାଦକୀୟ, ଆଦ୍ୟ ପ୍ରବନ୍ଧ, ମଧ୍ୟ ପ୍ରବନ୍ଧ, ସଂପାଦକଙ୍କୁ ପତ୍ର, ମତାମତ, ଓପ-ଏଡ୍‌ (ସଂପାଦକୀୟ ଅନୁରୂପ ପୃଷ୍ଠା ଯେଉଁଥିରେ ସଂପାଦନାମଣ୍ଡଳୀ ଅନୁମୋଦନ ବ୍ୟତୀରକେ ପ୍ରବନ୍ଧ ଓ ବିବିଧ ଲେଖା ପ୍ରକାଶ ପାଇଥାଏ) ପୃଷ୍ଠା

**ବିଷୟ ଗଠନ :**

୪.୧ ପଠନ ଉଦ୍ଦେଶ୍ୟ

୪.୨ ଉପକ୍ରମ

୪.୩ ସଂପାଦକୀୟ/ ସଂପାଦକଙ୍କ ମତ

୪.୪ ଓପ-ଏଡ୍‌ ବା ଅନୁରୂପ ସଂପାଦକୀୟ ପୃଷ୍ଠା

୪.୫ ସ୍ୱତନ୍ତ୍ର ଆଲେଖ୍ୟ, ସପ୍ତାହାନ୍ତ ପତ୍ରିକା,

୪.୬ ସଂପାଦକଙ୍କୁ ପତ୍ର

୪.୭ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

## ୪.୧ ପଠନ ଉଦ୍ଦେଶ୍ୟ

ଖବରକାଗଜର ସଂପାଦକୀୟ ପୃଷ୍ଠାରେ ବିଭିନ୍ନ ପ୍ରକାରର ମତ/ଚିନ୍ତନ/ବିଚାର ସମ୍ବଳିତ ଆଲେଖ୍ୟ ପ୍ରକାଶ ପାଏ। ସଂପାଦକୀୟର ଅର୍ଥ ଓ ଦୃଷ୍ଟିଭଙ୍ଗୀ ସଂପର୍କରେ ପାଠକଙ୍କୁ ଅବଗତ କରାଇବା ଏହି ଅଧ୍ୟାୟର ମୁଖ୍ୟ ଉଦ୍ଦେଶ୍ୟ। ଏହା ବ୍ୟତୀତ ସଂପାଦକୀୟ ପୃଷ୍ଠାରେ ନିୟମିତ ପ୍ରକାଶ ପାଉଥିବା ସ୍ୱତନ୍ତ୍ର ଲେଖା ସଂପର୍କରେ ବିଦ୍ୟାର୍ଥୀମାନେ ଏହି ଅଧ୍ୟାୟରୁ ଧାରଣା ପାଇପାରିବେ।

ଏହି ଅଧ୍ୟାୟ ସମାପ୍ତ ପରେ ବିଦ୍ୟାର୍ଥୀମାନେ ନିମ୍ନ ବିଷୟ ସଂପର୍କରେ ଦକ୍ଷତା ହାସଲ କରିପାରିବେ।

- ସଂପାଦକୀୟ, ଓପ-ଏଡ୍‌ ବା ଅନୁରୂପ ସଂପାଦକୀୟ ପୃଷ୍ଠା ଓ ମଝି ଆର୍ଟିକଲ ଲେଖିବାର କୌଶଳ
- ସପ୍ତାହାନ୍ତ ପ୍ରତ୍ରିକା ଓ ସଂପାଦକଙ୍କୁ ପତ୍ର ଲିଖନର ଉପାୟ

## ୪.୨ ଉପକ୍ରମ

ମୁଦ୍ରିତ ହେଉ କିଂବା ଡିଜିଟାଲ୍‌ ଗଣମାଧ୍ୟମ, ଉଭୟରେ ଖବର ଓ ମତ ପ୍ରକାଶ ପାଇଥାଏ। ଯାହା କିଛି ପ୍ରକାଶିତ ହୁଏ, ତାହାର ମୁଖ୍ୟ ଭାଗ ହେଉଛି ଖବର (ନ୍ୟୁଜ୍‌) ; ଏବଂ ମତ (ଭ୍ୟୁଜ୍‌) ଏହାକୁ ଅଧିକ ଜୀବନ୍ତ କରିଥାଏ। ମହତ୍ୱପୂର୍ଣ୍ଣ ବ୍ୟକ୍ତିତ୍ୱ, ଲେଖକ କିଂବା ସାମ୍ବାଦିକମାନଙ୍କ ମତ ଖବରକାଗଜରେ ସ୍ଥାନ ପାଏ। ଗଣତନ୍ତ୍ର

ନିମନ୍ତେ ମତ ବା ବିଚାରର ଭୂମିକା ସବୁବେଳେ ଗୁରୁତ୍ୱପୂର୍ଣ୍ଣ। ବେଳେବେଳେ ଦେଶ ପାଇଁ ଏହା ବିଭିନ୍ନ କାର୍ଯ୍ୟସୂଚୀ ପ୍ରସ୍ତୁତିରେ ସହାୟକ ହୁଏ। ଏହା ସାଧାରଣ ଜନତା ଏବଂ ଦେଶ ପାଇଁ ନୀତିନିୟମ କିଂବା ଯୋଜନା ପ୍ରସ୍ତୁତ କରୁଥିବା ବିଶେଷଜ୍ଞମାନଙ୍କୁ କୌଣସି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗର ଭିନ୍ନ ଭିନ୍ନ ଦୃଷ୍ଟିକୋଣ ବାବଦରେ ଜଣାଏ। ଉଲ୍ଲେଖଯୋଗ୍ୟ ଯେ ଏକାଧିକ ଦୃଷ୍ଟିକୋଣକୁ ନେଇ ଗଣତନ୍ତ୍ର ତିଷ୍ଠି ରହେ।

ଭାରତ ଧୀରେ ଧୀରେ ଡିଜିଟାଲ୍ ଯୁଗକୁ ଆପଣାଇବା ଆରମ୍ଭ କରିଥିବାରୁ ଏଥିପାଇଁ ମତ ବା ବିଚାରର ଗୁରୁତ୍ୱ ପୂର୍ବ ଅପେକ୍ଷା ବଢ଼ିଯାଇଛି। ଏହା ପଛରେ ଏକ କାରଣ ନିହିତ। ଲୋକମାନେ ଏବେ ଏକାଧିକ ସୂତ୍ର ଯଥା; ଟେଲିଭିଜନ୍, ରେଡିଓ, ଖବରକାଗଜ, ୱେବ୍‌ସାଇଟ୍ ଓ ଭିନ୍ନ ଭିନ୍ନ ସାମାଜିକ ଗଣମାଧ୍ୟମରୁ ସୂଚନା ପାଇପାରୁଛନ୍ତି। ଭାରତରେ ସ୍ମାର୍ଟ୍ ଫୋନ୍‌ର ବହୁଳ ବ୍ୟବହାର ଅଧିକରୁ ଅଧିକ ଲୋକଙ୍କ ପାଇଁ ସେମାନଙ୍କ ସୁବିଧା-ଅସୁବିଧା ବିଷୟରେ ମତ ପ୍ରକାଶର ସୁଯୋଗ ଆଣିଦେଇଛି। ନିରପେକ୍ଷତା ଓ ସାମ୍ବାଦିକତା ନୀତି ଦୃଷ୍ଟିରୁ ମଧ୍ୟ ସବୁ ପ୍ରକାର ମତ ଗଣମାଧ୍ୟମରେ ପ୍ରକାଶନ ଏକ ଜରୁରୀ ଆବଶ୍ୟକତା ହୋଇପଡ଼ିଛି।

ଖବରକାଗଜରେ ଏହି ସବୁ ମତ ସଂପାଦକୀୟ, ଅନୁରୂପ ସଂପାଦକୀୟ ପୃଷ୍ଠା/ଅଭିମତ ପୃଷ୍ଠା ଓ ମଧ୍ୟ ପ୍ରବନ୍ଧ ଭାବେ ପ୍ରକାଶିତ ହୁଏ। ଏହା ବ୍ୟତୀତ ସ୍ୱତନ୍ତ୍ର ଆଲେଖ୍ୟ, ସପ୍ତାହାନ୍ତ ପତ୍ରିକା, ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଆଧାରିତ ବିଶେଷ ସଂଖ୍ୟା ଆଦି ମଧ୍ୟ ପ୍ରକାଶିତ ହୁଏ, ଯାହା ସଂପୂର୍ଣ୍ଣ ବିବରଣୀ ପ୍ରଦାନ କରିଥାଏ। ଜଣେ ଉତ୍ସାହୀ ଓ ଉଚ୍ଚାକାଂକ୍ଷୀ ସାମ୍ବାଦିକ ଭାବେ ଏଗୁଡ଼ିକୁ ଲେଖିବାର କୌଶଳ ନିଶ୍ଚିତ ଭାବେ ଶିଖିବା ଉଚିତ।

## ୪.୩ ସଂପାଦକୀୟ/ସଂପାଦକଙ୍କ ମତ

(ସଂପାଦକୀୟ, ଓପ-ଏଡ଼ ବା ଅନୁରୂପ ସଂପାଦକୀୟ ପୃଷ୍ଠା ଓ ମଧ୍ୟ ପ୍ରବନ୍ଧ, ସପ୍ତାହାନ୍ତ ପତ୍ରିକା, ସ୍ୱତନ୍ତ୍ର ସଂଖ୍ୟା)

ଏହି ଅଧ୍ୟାୟରେ ପୂର୍ବରୁ ଆଲୋଚନା କରାଯାଇଛି ଯେ ମତ କିଂବା ବିଚାର ହେଉଛି ଯେକୌଣସି ଖବର ପ୍ରକାଶନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ସୁତରାଂ, କେମିତି ସଂପାଦକୀୟ, ଅନୁରୂପ ସଂପାଦକୀୟ ପୃଷ୍ଠା ଓ ମଝି ଆର୍ଟିକଲ, ସପ୍ତାହାନ୍ତ ପତ୍ରିକା, ସ୍ୱତନ୍ତ୍ର ସଂଖ୍ୟା ଆଦି ଲେଖାଯାଏ ସେ ସଂପର୍କରେ ବିଦ୍ୟାର୍ଥୀମାନେ ଏହି ଭାଗରେ ଶିଖିପାରିବେ।

**ସଂପାଦକୀୟ :**

ନିର୍ଦ୍ଦିଷ୍ଟ ପ୍ରସଙ୍ଗରେ ସଂପାଦକୀୟ ଲେଖାଯାଏ ଏବଂ ଏହା ଗୋଟିଏ ଖବରକାଗଜ ପ୍ରକାଶନୀ ସଂସ୍ଥାର ନିଜସ୍ୱ ମତ। ଖବରକାଗଜଗୁଡ଼ିକ ବଳିଷ୍ଠ ସଂପାଦକୀୟ ଲେଖି ଦେଶ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ପ୍ରଦର୍ଶନ କରିଥାନ୍ତି। ସଂପାଦକୀୟ ସାଧାରଣତଃ ଅଣସ୍ୱାକ୍ଷରିତ ଅର୍ଥାତ୍ ଏଥିରେ ଲେଖକଙ୍କ ନାମର ଉଲ୍ଲେଖ ନ ଥାଏ। ଜନମତକୁ ଏହା ପ୍ରଭାବିତ କରେ ଓ ଗଭୀର ଚିନ୍ତନ ପାଇଁ ଉତ୍ସାହିତ କରେ। କୌଣସି ଏକ ପ୍ରସଙ୍ଗ ଉପରେ ପଦକ୍ଷେପ ନେବା ଲାଗି ବେଳେବେଳେ ସଂପାଦକୀୟ ଜନତା ଉପରେ ଚାପ ପକାଏ ନଚେତ୍ ସେମାନଙ୍କୁ ପ୍ରୋତ୍ସାହିତ କରେ। ଜଣେ କହିପାରେ ଯେ ସଂପାଦକୀୟ ହେଉଛି ଏମିତି ଏକ ଶକ୍ତିଶାଳୀ ମତ ଯାହା ପଛରେ ପ୍ରକାଶନୀ ସଂସ୍ଥାର ଖୋଲା ସମର୍ଥନ ଥାଏ।

ସଂପାଦକୀୟ ଗୋଟିଏ ଖବରକାଗଜର ଆତ୍ମା। ଖବରକାଗଜର ନିଜସ୍ୱ ନୀତି ଓ ନୈତିକତା ଆଧାରରେ ପ୍ରତି ଦିନର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଏଥିରେ ପ୍ରତିଫଳିତ ହୁଏ। ସଂପାଦକୀୟ କେବଳ ଜନମତ ତିଆରି କରେ ନାହିଁ, ପରିବର୍ତ୍ତନର ବାର୍ତାବହ ଭାବେ କାର୍ଯ୍ୟ କରେ ଏବଂ ସାଧାରଣ ଲୋକଙ୍କ ସ୍ୱାର୍ଥ ପାଇଁ ଜଗୁଆଳିର କାର୍ଯ୍ୟ ନିର୍ବାହ କରେ। ସାର୍ବଜନୀନ ନୀତି ଏବଂ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଅନିୟମିତତା କିଂବା ବିଶୃଙ୍ଖଳାକୁ ଚିହ୍ନଟ ମାଧ୍ୟମରେ ଏହା ଲୋକଙ୍କୁ ସେବା ପ୍ରଦାନ କରିଥାଏ। ସଂପାଦକୀୟ ମଧ୍ୟ ପ୍ରଚଳିତ ସାମାଜିକ ସମସ୍ୟା ସମାଧାନର ବାଟ ବତାଏ ଓ କିଛି ପ୍ରସ୍ତାବ ଦେଇଥାଏ।

ସଂପାଦକୀୟଗୁଡ଼ିକ ସବୁ ସମୟରେ ସଂପାଦକ ନିଜେ ଲେଖି ନଥାନ୍ତି। ଏଥିପାଇଁ ସାଧାରଣତଃ ଖବରକାଗଜରେ ସଂପାଦକୀୟ ଲେଖକବୃନ୍ଦ ନିୟୋଜିତ ଥାଆନ୍ତି ଏବଂ ନିର୍ଦ୍ଦିଷ୍ଟ ବିଷୟବସ୍ତୁ ଉପରେ ଲେଖିବା ଲାଗି ସଂପାଦକ ସେମାନଙ୍କୁ ଦାୟିତ୍ୱ ଦେଇଥାନ୍ତି। ବେଳେବେଳେ ସମ୍ବେଦନଶୀଳ ପ୍ରସଙ୍ଗଗୁଡ଼ିକର ଲେଖିବା ଦାୟିତ୍ୱ ନିଜେ ସଂପାଦକ ନିଅନ୍ତି ନଚେତ୍ ଖବରକାଗଜର ନୀତି-ନିୟମ ସଂପର୍କରେ ଭଲ ଭାବେ ଅବଗତ ଥିବା ବରିଷ୍ଠ ସାମ୍ବାଦିକ ତାହା ଲେଖିଥାନ୍ତି।

ସଂପାଦକୀୟ ଲେଖାକୁ ସବୁବେଳେ ଗୋଟିଏ କଳା ଭାବେ ବିଚାର କରାଯାଏ। ଏଥିପାଇଁ ଭାଷାଗତ ଦକ୍ଷତା ହାସଲ ଜରୁରୀ। ଖବର କିଂବା ଆର୍ଟିକଲ୍ ଶୈଳୀରେ ଏହା ଲେଖାଯାଏ ନାହିଁ। ଲେଖକଙ୍କୁ ଚତୁରତାର ସହିତ ଶବ୍ଦ ବ୍ୟବହାର କରିବାକୁ ପଡ଼େ। ଗୋଟିଏ ସୁନ୍ଦର ସଂପାଦକୀୟ କେବଳ ଚିନ୍ତା ଶକ୍ତିକୁ ପ୍ରଭାବିତ କରେ ନାହିଁ, ଏହା ବୃହତ୍ତର ପାଠକଙ୍କ ପାଇଁ ପଠନଯୋଗ୍ୟ ହୋଇଥାଏ।

ଯଦି ଗୋଟିଏ ପ୍ରସଙ୍ଗ ଉପରେ ସଂପାଦକୀୟ ଲେଖିବା ଲାଗି ଆପଣଙ୍କୁ କୁହାଯାଏ, ନିମ୍ନଲିଖିତ ଉପାଦାନଗୁଡ଼ିକ ନିଜ ଲେଖାରେ ସ୍ଥାନିତ କରିବାକୁ ଚେଷ୍ଟା କରିବା ଉଚିତ।

କ) ଖବର ଭଳି ସଂପାଦକୀୟରେ ଉପକ୍ରମ, ମଧ୍ୟ ଭାଗ (ଶରୀର) ଓ ଉପସଂହାର ରହିବା ଉଚିତ।

ଖ) ଜଟିଳ ପ୍ରସଙ୍ଗ ଉପରେ ଲେଖୁଥିଲେ, ତାହାର ବାସ୍ତବ ବ୍ୟାଖ୍ୟା ହେବା ଦରକାର।

ଗ) ଏହା କୌଣସି ସାଂପ୍ରତିକୀ ଖବର ଉପରେ ପର୍ଯ୍ୟବସିତ ହେବା ଉଚିତ।

ଘ) ପାଠକଙ୍କୁ ସଂପୂର୍ଣ୍ଣ ଚିତ୍ର ପ୍ରଦାନ ପାଇଁ ବିରୋଧୀ ମତ ଉଲ୍ଲେଖ ହେବା ଜରୁରୀ।

ଙ) ବ୍ୟକ୍ତି ନୁହେଁ, ସଂପାଦକୀୟ ସବୁବେଳେ ପ୍ରସଙ୍ଗଭିତ୍ତିକ ହେବା ଉଚିତ। ସଂପାଦକୀୟରେ ଗାଳିଗୁଲଜ କିଂବା ଭର୍ତ୍ସନା କରିବା ଏବଂ ପ୍ରଲୋଭିତ/ପ୍ରରୋଚିତ କରିବା ଲାଗି ଚତୁରତାପୂର୍ଣ୍ଣ କୌଶଳ ପ୍ରୟୋଗ ଠାରୁ ସବୁବେଳେ ଦୂରେଇ ରହିବା ଉଚିତ।

ଚ) ସମସ୍ୟା କିଂବା ସମାଲୋଚିତ ପ୍ରସଙ୍ଗରେ ଲେଖୁଥିଲେ, ତାହାର ଏକ ବିକଳ୍ପ ସମାଧାନର ବାଟ ସଂପାଦକୀୟରେ ଉଲ୍ଲେଖ ଆବଶ୍ୟକ।

ଛ) ଶେଷରେ, ଦୃଢ଼ ଓ ସଂକ୍ଷିପ୍ତ ଉପସଂହାର ସହିତ ଆକର୍ଷଣୀୟ ଢଙ୍ଗରେ ସଂପାଦକୀୟ ଲେଖାର ସମାପ୍ତି ହେବା ଉଚିତ।

ସଂପାଦକୀୟ ଲେଖିବାର ଆଉ କିଛି କୌଶଳ -

କ) ପାଠକଙ୍କ ଧ୍ୟାନ ଆକର୍ଷଣ ପାଇଁ ଚିତାକର୍ଷକ ଢଙ୍ଗରେ ଆରମ୍ଭ କରନ୍ତୁ।

ଖ) ନିଜ ଯୁକ୍ତିକୁ ସମର୍ଥନ ପାଇଁ ଶକ୍ତ ପ୍ରମାଣ ଉପସ୍ଥାପନ କରନ୍ତୁ।

ଗ) କର୍ମବାଚ୍ୟରେ ଲେଖନ୍ତୁ।

ଘ) ଲେଖାର ଅଧିକାଂଶ ସ୍ଥାନରେ ତୃତୀୟ ପୁରୁଷ ବ୍ୟବହାର କରନ୍ତୁ।

ଙ) ଲେଖରେ କାହାରି ସ୍ତୁତିଗାନ କରନ୍ତୁ ନାହିଁ। ଠିକ୍ ତଥ୍ୟ ସହିତ ବିଶ୍ୱାସଯୋଗ୍ୟ ଯୁକ୍ତି ଉପସ୍ଥାପନ କରନ୍ତୁ। କାରଣ ପାଠକମାନେ ବୋକା ନୁହନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିମୁଦ୍ରୀକରଣ ନିଷ୍ପତି ସଂପର୍କରେ 'ଇଣ୍ଡିଆନ୍ ଏକ୍ସପ୍ରେସ୍'ରେ ପ୍ରକାଶିତ ଏକ ସଂପାଦକୀୟର ଅନୁବାଦ

**ନିର୍ଭୀକ ନିଷ୍ପତ୍ତି :**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର ସନ୍ଧ୍ୟାରେ ଏକ ନାଟକୀୟ ଘୋଷଣାରେ ଉଚ୍ଚ ମୂଲ୍ୟଯୁକ୍ତ ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍କୁ ଅଚଳ କରିଛନ୍ତି। ଦେଶରେ କଳା ଟଙ୍କାର ପ୍ରସାରକୁ ରୋକିବା ଏବଂ ନିତିଦିନିଆ କାରବାରରେ ନଗଦ ଟଙ୍କାର ବ୍ୟବହାରକୁ ହ୍ରାସ କରି ଏକ ସଂଚୟଭିତ୍ତିକ ଅର୍ଥନୀତି ସୃଷ୍ଟି କରିବା ତାଙ୍କ ସରକାରଙ୍କ ମୁଖ୍ୟ ଉଦ୍ଦେଶ୍ୟ। କିଛି ଦିନ ପୂର୍ବରୁ ମୋଦୀ ଦେଶବାସୀଙ୍କୁ ଆହ୍ୱାନ ଦେଇଥିଲେ ଯେ ଯେଉଁମାନଙ୍କ ପାଖରେ ଅଘୋଷିତ ଆୟ (କଳା ଟଙ୍କା) ଜମା ଅଛି, ତାହାକୁ ସେମାନେ ସ୍ୱେଚ୍ଛାକୃତ ଘୋଷଣା କରନ୍ତୁ ଏବଂ ସେହି ଅଘୋଷିତ ଆୟ ଅଭିଯୋଗରେ ଆର୍ଥିକ ଦଣ୍ଡସ୍ୱରୂପ ୪୫ ପ୍ରତିଶତ ଆୟ କର ପଇଠ କରି ସେମାନେ ନିଜକୁ ସ୍ୱଚ୍ଛ କରନ୍ତୁ। ଏବେ ପୁଣି ବିମୁଦ୍ରୀକରଣ ବା ନୋଟ୍ବନ୍ଦୀ ଘୋଷଣା କରି ଚଳନ୍ତି ମୁଦ୍ରାକୁ ସେ ଅଚଳ କରିଦେଇଛନ୍ତି। ୨୦୧୪ ନିର୍ବାଚନର ପୂର୍ବ ଓ ପରବର୍ତୀ ସମୟରେ ଦେଶବାସୀଙ୍କୁ ସେ ଦେଇଥିବା ପ୍ରତିଶ୍ରୁତିର ରକ୍ଷା ପାଇଁ ମୋଦୀ ଏଭଳି ସାହସିକ ପଦକ୍ଷେପ ନେଇଛନ୍ତି।

ବିମୁଦ୍ରୀକରଣ ମାଧ୍ୟମରେ ଉଚ୍ଚ ମୂଲ୍ୟଯୁକ୍ତ ମୁଦ୍ରାର ଅପସାରଣ କରିବାରେ ଏହା ହେଉଛି ଦେଶ ପାଇଁ ତୃତୀୟ ପଦକ୍ଷେପ। ତେବେ, ପୂର୍ବଗୁଡ଼ିକ ଅପେକ୍ଷା ମୋଦୀଙ୍କର ସଦ୍ୟତମ ବିମୁଦ୍ରୀକରଣର ପରିସର ଖୁବ୍ ବ୍ୟାପକ। ଉଚ୍ଚ ମୂଲ୍ୟଯୁକ୍ତ ମୁଦ୍ରାର ବହୁଳ ବ୍ୟବହାର ଦ୍ୱାରା ଦ୍ରବ୍ୟ ଓ ସେବା ମୂଲ୍ୟରେ କୃତ୍ରିମ ବୃଦ୍ଧି ଏବଂ ୧.୨୫ ଲକ୍ଷ କୋଟିର ବେହିସାବ ଟଙ୍କା ଠାବ କରିବାରେ ତାଙ୍କ ସରକାର ସଫଳ ହେବା ଘଟଣାକୁ ମଧ୍ୟ ମୋଦୀ ଏହି ନୋଟ୍ ବନ୍ଦୀ ମାଧ୍ୟମରେ ଇଶାରା ଦେଇଛନ୍ତି, ଯାହାକୁ ଯଥାର୍ଥ ଓ ଉଚିତ ବୋଲି କହିହେବ। ତାଙ୍କର ଏଭଳି ନିଷ୍ପତି ହୁଏତ ବିରୋଧ ଓ ସମାଲୋଚନାର ଶିକାର ହୋଇପାରେ, ଆଗକୁ ଆର୍ଥିକ ବିଶୃଙ୍ଖଳା ଦେଖାଦେଇପାରେ; କିନ୍ତୁ ତାଙ୍କ ଯୁକ୍ତି ସହିତ ଅମତ ହେବା କଷ୍ଟକର। ତେବେ, କଳା ଟଙ୍କା ବିରୋଧୀ ଅଭିଯାନ ଆରମ୍ଭ ପାଇଁ ଭାରତୀୟ ଆର୍ଥିକ ବ୍ୟବସ୍ଥାର ଢାଂଚା ପରିବର୍ତ୍ତନ କରିବା ମୋଦୀ ସରକାରଙ୍କ ପାଇଁ ଏକ ଆହ୍ୱାନ ସୃଷ୍ଟି କରିଛି। ଏହା ନିଃସନ୍ଦେହ, ଆଗକୁ ନଗଦବିହୀନ ଅର୍ଥନୀତି (କ୍ୟାସ୍ଲେସ୍ ଇକୋନୋମି) ପାଇଁ ଇଲେକ୍ଟ୍ରୋନିକ୍ କାରବାରକୁ

ଅଧିକ ତ୍ୱରାନ୍ୱିତ କରାଯାଇପାରିବ । ବ୍ୟାଙ୍କିଙ୍ଗ୍ ସେବା ଯୋଗାଣ ସହଜ ହେବ ଓ ଉପଭୋକ୍ତାମାନଙ୍କୁ ବାରଂବାର ବ୍ୟାଙ୍କ୍ ଯିବାକୁ ପଡ଼ିବ ନାହିଁ । ଏହାଦ୍ୱାରା ନେଣଦେଣ ବ୍ୟବସ୍ଥା ମଧ୍ୟ ଅଧିକ ସୁଦୃଢ଼ ହୋଇପାରିବ । ୨୦୧୨-୧୬ ମଧ୍ୟରେ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ ତିନି ସୂତ୍ରୀ ଇଲେକ୍‌ଟ୍ରୋନିକ୍ ପେମେଂଟ୍ ସୁବିଧା ଯଥା- ଆର୍‌ଟିଜିଏସ୍, ଏନ୍‌ଇଏଫ୍‌ଟି ଓ ମୋବାଇଲ୍ ବ୍ୟଙ୍କିଙ୍ଗ୍ ଟ୍ରାଂଜେକ୍‌ସନ୍ ଫଳପ୍ରଦ ହେବା ଏହାର ଦୃଷ୍ଟାନ୍ତ । ସେହିପରି ବ୍ୟାଙ୍କ୍‌ଗୁଡ଼ିକ ତରଫରୁ ଇଲେକ୍‌ଟ୍ରୋନିକ୍ ୱାଲେଟ୍‌ର ଶୁଭାରମ୍ଭ ହୋଇସାରିଛି, ଯାହା ବେନଗଦୀ କାରବାର ପାଇଁ ଆଉ ଏକ ସଫଳ ଉଦ୍ୟମ ।

ଉଚ୍ଚ ମୂଲ୍ୟଯୁକ୍ତ ନୋଟ୍ ଉଚ୍ଛେଦ କରିବାରେ ଭାରତ ଏକ ମାତ୍ର ରାଷ୍ଟ୍ର ନୁହେଁ । ଗତ ମେ ମାସରେ ୟୁରୋପିଆନ୍ ସେଂଟ୍ରାଲ୍ ବ୍ୟାଙ୍କ୍ ଘୋଷଣା କରିଥିଲା ଯେ ୫୦୦ ଟଙ୍କିଆ ୟୁରୋ ମୁଦ୍ରା ହଟାଇବା ଦିଗରେ ୨୦୧୮ ମସିହା ଠାରୁ ସେଠାରେ ପ୍ରୟାସ ଆରମ୍ଭ ହୋଇଛି । ବିଶେଷ କରି ପ୍ୟାରିସ୍‌ରେ ଆତଙ୍କବାଦୀ ଆକ୍ରମଣ ପରେ କଳାଟଙ୍କା ବୈଧ ହେବାର ଭୟ ଓ ଅର୍ଥ କାରବାରରେ ସମର୍ଥିତ ଆତଙ୍କବାଦକୁ ବନ୍ଦ ପାଇଁ ଏହି ପଦକ୍ଷେପ ନିଆଯାଇଥିବା ବ୍ୟାଙ୍କ୍ ତରଫରୁ ସ୍ପଷ୍ଟ କରାଯାଇଛି । ଏବେ ଆମ ଦେଶର ଘରୋଇ ପୁଞ୍ଜି ନିବେଶକାରୀମାନେ କ୍ଷତି ସହୁଛନ୍ତି ଏବଂ ସେମାନଙ୍କ କଂପାନିରୁ ଉତ୍ପାଦନ ହ୍ରାସ ପାଉଛି । ଏଭଳି ସମୟରେ ବିମୁଦ୍ରୀକରଣ ସମସ୍ୟା ଏମାନଙ୍କୁ ଆହୁରି ଆର୍ଥିକ ଦୁରାବସ୍ଥା ଭିତରକୁ ଟାଣି ନେଇପାରେ । ସୁତରାଂ, ବିମୁଦ୍ରୀକରଣର ସୁଫଳ ପାଇଁ ସରକାର ଏବେ ଦୃଢ଼ ପଦକ୍ଷେପ ନେବା ଜରୁରୀ । ବ୍ୟାଙ୍କିଙ୍ଗ୍ ସେବା କ୍ଷେତ୍ରକୁ ଅଧିକରୁ ଅଧିକ ସାର୍ବଜନୀନ କରିବା ସହିତ ବିମୁଦ୍ରୀକରଣ ପ୍ରକ୍ରିୟାର ତ୍ୱରାନ୍ୱିତ ପାଇଁ ପୂର୍ଣ୍ଣ ପ୍ରାଣରେ ଚେଷ୍ଟା କରାଯିବା ଉଚିତ । ଆର୍ଥିକ ନେଣଦେଣ ମାମଲାରେ ସ୍ୱଚ୍ଛତା ହାସଲ ଲାଗି କୋଠାବାଡ଼ି ନିର୍ମାଣ କ୍ଷେତ୍ରକୁ ସାମାନ୍ୟ ପ୍ରୋତ୍ସାହନ ଦେବା ଆବଶ୍ୟକ । ଏହା ବ୍ୟତୀତ, କାର୍ଡ୍ କିଂବା ଇଲେକ୍‌ଟ୍ରୋନିକ୍ ପେମେଂଟ୍‌ର ବ୍ୟବହାର ଦିଗରେ ଲୋକଙ୍କୁ ଉତ୍ସାହିତ କରାଯିବା ଉଚିତ । ଏଥିପାଇଁ କିଛି ପ୍ରୋତ୍ସାହନ ରାଶି ପ୍ରଦାନର ବ୍ୟବସ୍ଥା ହେବା ଦରକାର । କେବଳ ୮୫ ପ୍ରତିଶତ ଉଚ୍ଚ ମୂଲ୍ୟଯୁକ୍ତ ମୁଦ୍ରା ଫେରାଇ ଆଣିବା ଏହାର ଏକ ମାତ୍ର ଆହ୍ୱାନ ନୁହେଁ, ବିମୁଦ୍ରୀକରଣ ସଂସ୍କୃତିର ସଠିକ୍ ଅନୁପାଳନକୁ ନିଶ୍ଚିତ କରିବା ମଧ୍ୟ ସରକାରଙ୍କ ଦାୟିତ୍ୱ ।

## ୪.୪ ଓପ-ଏଡ଼୍ ବା ଅନୁରୂପ ସଂପାଦକୀୟ ପୃଷ୍ଠା

ମେରିୟମ୍-ୱେବ୍‌ଷ୍ଟାର୍ ଅଭିଧାନ ଅନୁସାରେ, ‘ଏହା ଗୋଟିଏ ଖବରକାଗଜର ସଂପାଦକୀୟ ପୃଷ୍ଠାର ବିପରୀତ ପୃଷ୍ଠା (ଓପଜିଟ୍ ଏଡିଟୋରିଆଲ) ଯେଉଁଠି ସାଧାରଣତଃ ସ୍ୱତନ୍ତ୍ର ଫିଚର୍ ଲେଖା ପ୍ରକାଶିତ ହୁଏ’ ।

ଓପ୍-ଏଡ଼୍ ପୃଷ୍ଠା ମଧ୍ୟ କୌଣସି ପ୍ରସଙ୍ଗଭିତ୍ତିକ ଆଲେଖ୍ୟ ବା ପ୍ରବନ୍ଧ ପ୍ରକାଶନ ପାଇଁ ଉଦ୍ଦିଷ୍ଟ ଯେଉଁଥିରେ ଲେଖକ ନିଜସ୍ୱ ମତ ଉଲ୍ଲେଖ କରିଥାନ୍ତି । ଏହି ଅଭିଧାନରେ ମଧ୍ୟ ଉଲ୍ଲେଖ ରହିଛି - ‘ଖବରକାଗଜ କିଂବା ପତ୍ରିକାରେ ପ୍ରକାଶିତ ଗୋଟିଏ ପ୍ରବନ୍ଧ ଯେଉଁଥିରେ ଲେଖକୀୟ ମତ ଉପସ୍ଥାପନ ହୋଇଥାଏ ଏବଂ ଖବରକାଗଜ ସଂସ୍ଥା ସହ ଜଡ଼ିତ ନ ଥିବା ବ୍ୟକ୍ତିମାନଙ୍କ ଦ୍ୱାରା ଏହା ଲେଖାଯାଏ ।’

ଯୁକ୍ତରାଷ୍ଟ୍ର ଆମେରିକାର ୟୁନିଭର୍ସିଟ ଅଫ୍ ଇଲିଅନିସ୍ ପକ୍ଷରୁ ବିପରୀତ ସଂପାଦକୀୟ ପୃଷ୍ଠାର ଲେଖନ ଶୈଳୀ ବାବଦରେ କିଛି ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରାଯାଇଛି ।

- ଲେଖାରେ କେଉଁ ପ୍ରକାରର ବାର୍ତ୍ତା ଦେବାକୁ ଚାହୁଁଛ, ପ୍ରଥମେ ନିଜକୁ ପଚାର ।
- ସମସ୍ତ ଯୁକ୍ତିକୁ ନେଇ ଗୋଟିଏ ତାଲିକା ପ୍ରସ୍ତୁତ କର ।
- ସେଥି ମଧ୍ୟରୁ ଚାରି-ପାଂଚଟି ବାଛ, ଯାହା ପାଠକଙ୍କ ଦୃଷ୍ଟି ଆକର୍ଷଣ କରିପାରିବ ।
- ଲେଖିବା ଆରମ୍ଭ କର ଓ ପ୍ରଥମ ଅନୁଚ୍ଛେଦରେ ବିଷୟବସ୍ତୁକୁ ଯୋଡ଼ ।
- ଏବେ ନିଜ ଲେଖାକୁ ପଢ଼ ଓ ନିଜେ ଭାବ: କେଉଁ ଅନୁଚ୍ଛେଦ ସବୁଠାରୁ ଅଧିକ ପ୍ରଭାବଶାଳୀ ? ଏହା ପ୍ରଥମ ଅନୁଚ୍ଛେଦ ନା ଶେଷ ଅନୁଚ୍ଛେଦ ?
- ପ୍ରଥମ ଅନୁଚ୍ଛେଦ ହେଉ କିଂବା ଶେଷ ଅନୁଚ୍ଛେଦ୍, ଯାହା ପାଠକଙ୍କୁ ଅଧିକ ଭଲ ଲାଗିବ, ସେମାନଙ୍କ ମଧ୍ୟରେ ଉତ୍କଣ୍ଠା ସୃଷ୍ଟି କରିପାରିବ, ତାହାକୁ ପ୍ରଥମେ ଆଣ । ପରବର୍ତ୍ତୀ ଅନୁଚ୍ଛେଦରେ ବିଷୟବସ୍ତୁ ଅନୁସାରେ ଆଉ ଦୁଇ-ତିନିଟି ସହାୟକ ବାର୍ତ୍ତା ଉଲ୍ଲେଖ କର । ଅନୁଚ୍ଛେଦଗୁଡ଼ିକ ସଂକ୍ଷିପ୍ତ ଓ ଗୋଟିଏ ଧାରଣା ଉପରେ ପର୍ଯ୍ୟବସିତ ହେବା ଦରକାର ।
- ଲେଖାରେ ନିଜ ଯୁକ୍ତିକୁ ବଳିଷ୍ଠ କରିବା ଲାଗି ତଥ୍ୟ, ପରିସଂଖ୍ୟାନ ଓ ଅଧ୍ୟୟନ ଆଧାରିତ କିଛି ସୂଚନା ସ୍ଥାନିତ କର ।

**ମଧ୍ୟ ପ୍ରବନ୍ଧ :**

ସଂପାଦକୀୟ ପୃଷ୍ଠାର ମଧ୍ୟ ପ୍ରବନ୍ଧ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ପାଠକଙ୍କୁ କିଛି ହାସ୍ୟୋଦ୍ଦୀପକ, ମଜାଳିଆ ତଥା ଆନନ୍ଦ ପ୍ରଦାନକାରୀ ଲେଖା ଉପହାର ଦେବା ଏହି ସ୍ତମ୍ଭର ଲକ୍ଷ୍ୟ । ମଧ୍ୟ ପ୍ରବନ୍ଧ ଲେଖିବାବେଳେ ନିମ୍ନଲିଖିତ ସୂଚନାଗୁଡ଼ିକ ପ୍ରତି ଧ୍ୟାନ ରଖନ୍ତୁ ।

- ମଝି ଲେଖା ୪୦୦ ଶବ୍ଦ ମଧ୍ୟରେ ସୀମିତ ରହିବା ଉଚିତ ।
- ସାଧାରଣତଃ ସଂପାଦକୀୟ ପୃଷ୍ଠାରେ ପ୍ରକାଶିତ ଦୁଇଟି ଆର୍ଟିକଲ ମଝିରେ ଏହା ସ୍ଥାନିତ ହୁଏ ।
- ସାଂପ୍ରତିକ ଘଟଣାବଳୀ ଉପରେ ଲେଖ ଏବଂ ବ୍ୟଙ୍ଗାତ୍ମକ କିଂବା ପରିହାସପୂର୍ଣ୍ଣ ଢଙ୍ଗରେ ବର୍ଣ୍ଣନା କର ।
- ମଝି ଆର୍ଟିକଲ୍ ଲେଖିବାବେଳେ ଭାଷାଗତ ପରୀକ୍ଷାନିରୀକ୍ଷା କରିପାରନ୍ତି । ଏଥିପାଇଁ କୌଣସି ସାମ୍ବାଦିକତା କଟକଣା ନାହିଁ ।
- ସାଧାରଣ କଥାବାର୍ତ୍ତାରେ ବ୍ୟବହୃତ ଶବ୍ଦ କିଂବା ବାକ୍ୟାଂଶ ଓ କଥିତ ଭାଷା ମଧ୍ୟ ବ୍ୟବହାର କରିପାରିବେ । କିନ୍ତୁ ଭାଷାଗତ ଶାଳୀନତା ଓ ଶିଷ୍ଟାଚାର ରକ୍ଷା ଦିଗରେ ସତର୍କ ରହିବା ଉଚିତ । ଖବରକାଗଜ ପାଇଁ ଲେଖୁଥିବାରୁ ଅପମାନଜନକ ଭାଷାର ଉଲ୍ଲେଖ ନିଷେଧ ।

## ୪.୫ ସ୍ୱତନ୍ତ୍ର ଆଲେଖ୍ୟ, ସପ୍ତାହାନ୍ତ ପତ୍ରିକା

ଅଧିକାଂଶ ଖବରକାଗଜରେ ସ୍ୱତନ୍ତ୍ର ପ୍ରବନ୍ଧ, ସପ୍ତାହାନ୍ତ ପତ୍ରିକା ଓ ବିଶେଷ ସଂଖ୍ୟା ପ୍ରକାଶିତ ହୁଏ। ପାଠକମାନଙ୍କୁ ଖବରକାଗଜ ମଧ୍ୟରେ ଅଧିକ ସମୟ ବାନ୍ଧି ରଖିବା ଏହାର ଉଦ୍ଦେଶ୍ୟ। କୌଣସି ଘଟଣା, ସ୍ଥାନ କିଂବା ପ୍ରସଙ୍ଗ ଉପରେ ସଂପୂର୍ଣ୍ଣ ବିଶ୍ଳେଷଣ ସ୍ୱତନ୍ତ୍ର ପ୍ରବନ୍ଧରେ ପ୍ରକାଶ ପାଏ। ଏହା ସାଧାରଣତଃ ଖବରକାଗଜର ଭିତର ପୃଷ୍ଠାରେ ସ୍ଥାନିତ ହୋଇଥାଏ। ତେବେ, ସପ୍ତାହାନ୍ତ ପତ୍ରିକା ଓ ବିଶେଷ ସଂଖ୍ୟା ବିଭିନ୍ନ ବର୍ଗର ପାଠକୀୟ ରୁଚିକୁ ନେଇ ପ୍ରସ୍ତୁତ କରାଯାଏ। ଆଜିକାଲି ପ୍ରାୟ ସବୁ ଖବରକାଗଜ ନିୟମିତ ଭାବେ ସପ୍ତାହାନ୍ତ ପତ୍ରିକା ଓ ବିଶେଷ ସଂଖ୍ୟା ପ୍ରକାଶ କରୁଛନ୍ତି।

ସ୍ୱତନ୍ତ୍ର ପ୍ରବନ୍ଧ, ସପ୍ତାହାନ୍ତ ପତ୍ରିକା ଓ ବିଶେଷ ସଂଖ୍ୟାର ଲେଖନ ଶୈଳୀ ପ୍ରାୟତଃ ସମାନ। ଏହାର ଲେଖା କୌତୂହଳପୂର୍ଣ୍ଣ ଓ ସ୍ୱଷ୍ଟ ହେବା ଉଚିତ। ପାଠକଙ୍କ ଦୃଷ୍ଟି ଆକର୍ଷଣ କରିବା ଏବଂ ସେମାନଙ୍କୁ କାହାଣୀ ଭିତରେ ବାନ୍ଧି ରଖିବା ହେଉଛି ମୁଖ୍ୟ ଲକ୍ଷ୍ୟ। ଆପଣ କେଉଁ ବର୍ଗର ପାଠକଙ୍କ ଲାଗି ଲେଖୁଛନ୍ତି, ଲେଖିବା ସମୟରେ ତାହାକୁ ଆଖି ଆଗରେ ରଖନ୍ତୁ ଓ ସେହି ଅନୁସାରେ ଲେଖନ୍ତୁ।

## ୪.୬ ସଂପାଦକଙ୍କୁ ପତ୍ର

ଖବରକାଗଜ କିଂବା ପତ୍ରିକାରେ ପ୍ରକାଶିତ ଫିଚର୍ ମଧ୍ୟରୁ "ସଂପାଦକଙ୍କୁ ପତ୍ର" ଅନ୍ୟତମ। ଏହି ବିଭାଗର ପାଠକ ସଂଖ୍ୟା ମଧ୍ୟ ଅନେକ। ଏହି ବିଭାଗ ମାଧ୍ୟମରେ ବୃହତର ପାଠକ ଗୋଷ୍ଠୀ ନିକଟରେ ପହଂଚିବାର ସୁଯୋଗ ମିଳେ। ତେବେ, ସଂପାଦକଙ୍କ ନିକଟକୁ ଜଣେ କାହିଁକି ଚିଠି ଲେଖିବ, ସେ ସଂପର୍କରେ କିଛି ନିର୍ଦ୍ଦିଷ୍ଟ କାରଣ ଅଛି କି, ଏଭଳି ପ୍ରଶ୍ନ ଜଣକ ମନରେ ଆସିବା ସ୍ୱାଭାବିକ। ଏହାର ଉତ୍ତର ମଧ୍ୟ ସହଜ। ସଂପାଦକଙ୍କୁ ଚିଠି ଲେଖିବାର ଅର୍ଥ ହେଉଛି ଖବରକାଗଜ, ପତ୍ରିକା କିଂବା କିଛି ଛାପା ପ୍ରକାଶନୀ ସହିତ ସଂପର୍କ ଯୋଡ଼ିବା। ସାଧାରଣତଃ ଖବରକାଗଜର ସଂପାଦକୀୟ ପୃଷ୍ଠାରେ ସଂପାଦକଙ୍କୁ ପତ୍ର ବିଭାଗ ଥିବା ଦେଖିବାକୁ ମିଳିଥାଏ। ମାଗାଜିନ୍‌ରେ ପ୍ରାରମ୍ଭିକ ଭାଗରୁ ଏହା ଥାଏ। ଏହି ବିଭାଗ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ନିୟମିତ ପ୍ରକାଶ ପାଏ। ଏଠାରେ କୌଣସି ପ୍ରସଙ୍ଗ କିମ୍ବା ଘଟଣା ସଂପର୍କରେ ପାଠକମାନେ ପଠାଇଥିବା ସେମାନଙ୍କ ମତ ପ୍ରକାଶ ପାଏ; ତାହା ସପକ୍ଷ କିଂବା ବିପକ୍ଷ ହୋଇପାରେ। ବେଳେବେଳେ ଏଥିରେ କିଛି ତଥ୍ୟ ସହିତ ଭାବପ୍ରବଣତା ଦେଖିବାକୁ ମିଳେ। ସଂପାଦକଙ୍କୁ ପତ୍ର ସବୁବେଳେ ସଂକ୍ଷିପ୍ତ ଓ ତିନିଶହ ଶବ୍ଦରୁ ଅଧିକ ହୁଏ ନାହିଁ।

ଜନ ମତ ତିଆରି ପାଇଁ ନିଜ ଇଚ୍ଛା ଅନୁସାରେ ଯେକୌଣସି ସମୟରେ ସଂପାଦକଙ୍କୁ ଚିଠି ଲେଖାଯାଇପାରେ। ସଂପାଦକଙ୍କୁ ଚିଠି ଜରିଆରେ କୌଣସି ପ୍ରସଙ୍ଗ, ଘଟଣା, କାର୍ଯ୍ୟକ୍ରମ କିଂବା ଅନ୍ୟମାନଙ୍କ ସଂପର୍କରେ ନିଜର ଭାବନାକୁ ପ୍ରକାଶ କରାଯାଇପାରେ। ନିର୍ଦ୍ଦିଷ୍ଟ ପ୍ରସଙ୍ଗ ଉପରେ ସଚେତନତା ବୃଦ୍ଧି ପାଇଁ ଏହା ଏକ ବଡ଼ ମଂଚ।

ଗୋଟିଏ ନିର୍ଦ୍ଦିଷ୍ଟ ବର୍ଗ, ଗୋଷ୍ଠୀ କିମ୍ବା ସମାଜ ସହ ଜଡ଼ିତ କୌଣସି ଗୁରୁତ୍ୱପୂର୍ଣ୍ଣ/ସମ୍ବେଦନଶୀଳ ପ୍ରସଙ୍ଗ ଆଧାରରେ ସଂପାଦକଙ୍କୁ ପତ୍ର ଲେଖି ସେମାନଙ୍କ ସହିତ କଥାବାର୍ତ୍ତା ଆରମ୍ଭ କରାଯାଇପାରେ ଓ ସଂପର୍କ ସୃଷ୍ଟି କରାଯାଇପାରେ। ସେହି ପ୍ରସଙ୍ଗ ସଂପର୍କରେ ସଂପାଦକଙ୍କୁ ନିୟମିତ ତଥା ଯୋଜନାବଦ୍ଧ ଭାବେ ଚିଠି ଲେଖିବା

ଦ୍ୱାରା ତାହା ପ୍ରକାଶ ପାଏ ଓ ସେଥିପ୍ରତି ସାଧାରଣ ଲୋକଙ୍କ ଆଗ୍ରହ ବଢ଼େ। ଗଣମାଧ୍ୟମରେ ସେହି ପ୍ରସଙ୍ଗ ଆଧାରିତ ଲେଖାମାନ ପ୍ରକାଶିତ ହୁଏ। ତେଣୁ, ସଂପାଦକଙ୍କୁ ଚିଠି ଲେଖିବାର ଉପଯୁକ୍ତ ସମୟ କେବେ ଓ ସେହି ଚିଠିଗୁଡ଼ିକ କେଉଁ ସମୟରେ ପ୍ରକାଶ ପାଇବା ଉଚିତ, ତାହା  ନିଜେ ସ୍ଥିର କରିବା ଦରକାର।

ବଡ଼ ବଡ଼ ଖବରକାଗଜ ଓ ମାଗାଜିନ୍‌ରେ ସଂପାଦକଙ୍କୁ ପତ୍ର ପାଇଁ ଉଦ୍ଦିଷ୍ଟ ସ୍ଥାନରେ ସ୍ୱଲିଖିତ ଚିଠିଟି ସ୍ଥାନିତ ହେବା ଅତ୍ୟନ୍ତ କଷ୍ଟକର। କାରଣ ଖବରକାଗଜ ସଂସ୍ଥାକୁ ଅନେକ ଚିଠି ଆସେ ଓ ଗୁରୁତ୍ୱ ଅନୁସାରେ ସେଗୁଡ଼ିକୁ ସ୍ଥାନିତ କରାଯାଏ। ଅର୍ଥାତ୍ ଆପଣଙ୍କ ଚିଠି ପ୍ରକାଶ ଉପଯୋଗୀ ହେବା ଆବଶ୍ୟକ। ଏ କଥା ମନେ ରଖନ୍ତୁ ଯେ ଆପଣଙ୍କ ସଂସ୍ଥା, ଗୋଷ୍ଠୀ କିମ୍ବା ସମାଜ ଯଦି କୌଣସି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ବାବଦରେ ସାଧାରଣ ଲୋକଙ୍କୁ ଜଣାଇବା ଲାଗି ଚାହୁଁଥାନ୍ତି, ତେବେ ଚିଠି ନ ଲେଖି ପ୍ରଥମେ ପ୍ରେସ୍ ରିଲିଜ୍ ମାଧ୍ୟମରେ ଖବରକାଗଜ ସଂସ୍ଥାକୁ ଜଣାଇବା ଭଲ। ଖବରକାଗଜ ସଂସ୍ଥା ପ୍ରେସ୍ ରିଲିଜ୍‌କୁ ଅଣଦେଖା କଲେ, ତାହା ପ୍ରକାଶିତ ନ ହେଲେ, ସଂପାଦକଙ୍କୁ ଚିଠି ମାଧ୍ୟମରେ ଜଣାଇପାରନ୍ତି।

ଯଦି ଆପଣ କୌଣସି ଏକ ପ୍ରସଙ୍ଗକୁ ଅତି ଗୁରୁତର ସହ ବିଚାର କରୁଥାନ୍ତି ଏବଂ ତାହା ଜନସାଧାରଣଙ୍କୁ ଜଣାଇବାକୁ ଚାହୁଁଥାନ୍ତି, ତା'ହେଲେ ସଂପାଦକଙ୍କୁ ଚିଠି ଏକ ଉତମ ରଣନୀତି। ଏହାବ୍ୟତୀତ, ଚିଠି ମାଧ୍ୟମରେ ଆପଣ କେବଳ ନିଜ ସାଙ୍ଗସାଥୀ କିଂବା ଗୋଷ୍ଠୀ ନୁହେଁ, ଏକ ବୃହତର ପାଠକ ସମାଜ ନିକଟରେ ପହଂଚି ପାରିବେ। ଏହା ଦ୍ୱାରା ଆପଣଙ୍କ ବାର୍ତା ଅଧିକ ପ୍ରଭାବଶାଳୀ ହୋଇପାରିବ।

ସୁଚିନ୍ତିତ ବିଚାର ସହିତ ଯତ୍ନଶୀଳ ଚିଠି ଲେଖନ୍ତୁ। ଏହା ଦ୍ୱାରା ଅଧିକ ଗୋଷ୍ଠୀଗତ/ସାମାଜିକ ଆଲୋଚନ ସମ୍ଭବ ହୋଇପାରିବ ଏବଂ ଲୋକଲୋଚନରୁ ଦୂରେଇ ଯାଉଥିବା ପ୍ରସଙ୍ଗଗୁଡ଼ିକ ମଧ୍ୟ ସାଧାରଣ ଲୋକଙ୍କୁ ଜାଣିବାର ସୁଯୋଗ ମିଳିପାରିବ। ଗଣମାଧ୍ୟମ ସଂସ୍ଥାଗୁଡ଼ିକ ମଧ୍ୟ ଉତ୍ସାହିତ ହେବେ ଏବଂ ଆପଣଙ୍କ ପ୍ରସଙ୍ଗକୁ ଅଗ୍ରାଧିକାର ଦେଇ ପ୍ରକାଶ କିଂବା ପ୍ରସାରଣ କରିବେ। କାର୍ଯ୍ୟରେ ସଫଳ ହେଲେ ଏହାର ସ୍ୱୀକୃତି ସ୍ୱରୂପ ସଂପାଦକଙ୍କୁ ପୁଣି 'ଭଲ ଖବର' (ଗୁଡ୍ ନ୍ୟୁଜ୍) ଚିଠି ପ୍ରେରଣ କରିପାରନ୍ତି।

## ୪.୭ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

୧) ଭାରତର ମହାକାଶ ଅଭିଯାନ ସଂପର୍କରେ ଏକ ସଂପାଦକୀୟ ଲେଖ।

୨) ଭାରତର କୌଣସି ପର୍ବ ବିଷୟରେ ସ୍ୱତନ୍ତ୍ର ଆଲେଖ୍ୟ ପ୍ରସ୍ତୁତ କର।

୩) ସଂପାଦକଙ୍କୁ ପତ୍ର କାହିଁକି ଲେଖାଯାଏ ?